visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.90 Bhubaneswar Thursday May 19 2022 | ୨୫ତମ ବର୍ଷ ସଂଖ୍ୟା-୯୦ ଭୁବନେଶ୍ୱର, ଗୁରୁବାର, ମଇ ୧୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ରାଜ୍ୟ କ୍ୟାବିନେଟରେ ୩୨ଟି ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୧୮।୫(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଦିନ ରାଜ୍ୟ କ୍ୟାବିନେଟର ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଶିକ୍ଷ, ସ୍କୁଲ ଓ ଗଣ ଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଜଳ ସମ୍ପଦ, କୃଷି ଓ କୃଷକ ସଶକ୍ତିକରଣ, ଅର୍ଥ, ସାଧାରଣ ପ୍ରଶାସନ ଓ ଅଭିଯୋଗ, ଉଚ୍ଚ ଶିକ୍ଷା, ମିଶନ ଶକ୍ତି, ପଂଚାୟତିରାଜ ଓ ପାନୀୟ ଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ସଂସଦୀୟ ବ୍ୟାପାର ବିଭାଗ ସହ ଜଡିତ ମୋଟ ୩୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ରାଜ୍ୟର ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ସାମ୍ବାଦିକ ମାନଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।ସାମ୍ବାଦିକ ମାନଙ୍କୁ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ଯେ ରାଜ୍ୟ କ୍ୟାବିନେଟରେ ଅନୁଗୁଳ ଜିଲ୍ଲାରେ ମେଗା ଆଲୁମିନିୟମ ପାର୍କ ସ୍ଥାପନା କରିବାକୁ ଇଡକୋକୁ ଆର୍ଥିକ ସହାୟତା ପ୍ରଦାନ, ଶିକ୍ଷ ଓ ଭିତିଭୂମି ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ପ୍ରତିଷ୍ଠା ସମ୍ପର୍କିତ ପ୍ରସ୍ତାବକୁ ମଂଜୁରୀ ପ୍ରଦାନ କରା ଯାଇଛି । ୨୪ଟି ବେସରକାରୀ ରେକୋଗ୍ନାଇଜଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରକୁ ଗ୍ରାଂଟ ଇନ ଏଡ ପ୍ରଦାନକୁ ମଂଜୁରୀ ଦେବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଥିବା ସେ କହିଛନ୍ତି ।ଡ୍ରିମସ ୟୁନିଭର୍ସିଟି ନାମରେ ଏକ ସେଲଫ ଫାଇନାନ୍ସଡ ପ୍ରାଇଭେଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ ପାଇଁ ଆଇନ ପ୍ରଣୟନ କରିବା ସମ୍ପର୍କିତ ପ୍ରସ୍ତାବକୁ ମଂଜୁରୀ ଦିଆ ଯାଇଛି। ସେହିପରି ଗାନ୍ଧୀ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜି ୟୁନିଭର୍ସିଟି, ଓଡିଶା ଆକ୍ଟ -୨୦୧୮ରେ ସଂଶୋଧନ, ସିଭି ରମଣ ଗ୍ଲୋବାଲ ୟୁନିଭର୍ସିଟି ଓଡିଶା ଆକ୍ଟରେ ସଂଶୋଧନ କରିବାକୁ ଆସିଥିବା ପ୍ରସ୍ତାବକୁ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ମଂଜୁରୀ ପ୍ରଦାନ କରା ଯାଇଛି ।ବିଜୁ କୃଷକ ବିକାଶ ଯୋଜନାରେ ଡିପ ବୋରବେଲ ସେଚ କାର୍ଯ୍ୟକ୍ରମ, ଚେକ ଡ୍ୟାମ ନିର୍ମାଣ, ବରଗଡରେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପର ନିର୍ମାଣ ପାଇଁ ନିବିଦା ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି ।ସେହିପରି କୁଆଖାଇ ନଦୀରେ ଇନଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର ନିର୍ମାଣ, ବରଗଡ ମେନ କେନାଲର ପୁନରୁଦ୍ଧାର, ସୁନ୍ଦରଗଡରେ ଇବ ନଦୀରେ ପୋଲ ଏବଂ ବ୍ୟାରେଜ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ।କୃଷି ସମ୍ପର୍କିତ ଉପକରଣ ଏବଂ ପମ୍ପସେଟକୁ ଲୋକପ୍ରିୟ କରିବା, ଓଡିଶା ସବ ଅର୍ଡିନେଟ ଫାଇନାନ୍ସ ସର୍ଭିସ ରୁଲରେ ସଂଶୋଧନ, ସୂଚନା ଓ ପ୍ରଯୁକ୍ତି ବିଭାଗକୁ ଇ- ଗଭର୍ନାନ୍ସ ଇନିସିଏଟିଭ ଏବଂ ଆଇଟି ଭିତିଭୂମି ପାଇଁ ରେଫରାଲ ବିଭାଗ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।ସେ କହିଛନ୍ତି ଯେ କଲେଜ ଶିକ୍ଷକଙ୍କ ସଂଶୋଧିତ ପେ ସ୍କେଲ ନିୟମରେ ସଂଶୋଧନ, ମୟୁରଭଂଜ ଜିଲ୍ଲାର ଉଦଳା, ଖୁଂଟା, ବଡସାହୀ, ଗୋପବନ୍ଧୁ ନଗରର ୬୨ଟି ଗ୍ରାମ ପଂଚାୟତ ପାଇଁ ୨ଟି ମେଗା ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ସେହିପରି ମୟୁରଭଂଜ ଜିଲ୍ଲାର ହିଁ ରରୁଆଁ, ଶୁକୁଳି ବ୍ଲକ ପାଇଁ ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପର୍କିତ ପ୍ରସ୍ତାବକୁ ମଂଜୁରୀ ଦିଆ ଯାଇଛି ।ସେ କହିଛନ୍ତି ଯେ ଡିଆରଡିଏକୁ ଜିଲ୍ଲା ପରିଷଦରେ ବିଲୟ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରା ଯାଇଛି ।ସେ କହିଛନ୍ତି ଯେ ସମ୍ବଲପୁରରେ କୁଚିଂଡା ଓ ବାମରା ବ୍ଲକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥାପନା, ଦେବଗଡ ଜିଲ୍ଲାରେ ୨ଟି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି ।ସମ୍ବଲପୁର ତହସିଲରେ ସୈନିକ ସ୍କୁଲ ପ୍ରତିଷ୍ଠା ପାଇଁ ୧୦୦.୫ ଏକର ଜମି ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଥିବା ସେ ସୂଚନା ଦେଇଛନ୍ତି ।

## ଜାତୀୟ ଜୈବ ଇନ୍ଧନ ନୀତି – ୨୦୧୮ରେ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

ନୂଆଦିଲ୍ଲୀ, ୧୮।୫(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକରେ ଜାତୀୟ ଜୈବ ଇନ୍ଧନ ନୀତି -୨୦୧୮ରେ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରି ମିଳିଛି ।ଜାତୀୟ ଜୈବ ଇନ୍ଧନ ନୀତିକୁ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଜରିଆରେ ୨୦୦୯ରେ ଲାଗୁ କରାଯାଇଥିଲା । ଏହା ସ୍ଥାନରେ "ଜାତୀୟ ଜୈବ ଇନ୍ଧନ ନୀତି-୨୦୧୮"କୁ ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ ପକ୍ଷରୁ ୪ ଜୁନ ୨୦୧୮ରେ ବିଜ୍ଞପିତ କରାଯାଇଥିଲା। ଜୈବ ଇନ୍ଧନ କ୍ଷେତ୍ରରେ ହେବାକୁ ଥିବା ପ୍ରଗତିକୁ ଧ୍ୟାନରେ ରଖି ଜାତୀୟ ଜୈବ ଇନ୍ଧନ ସମନ୍ୱୟ ସମିତି (ଏନବିସିସି)ର ବିଭିନ୍ନ ବୈଠକରେ ଜୈବ ଇନ୍ଧନ ଉତ୍ପାଦନ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଏପ୍ରିଲ ପହିଲା, ୨୦୨୩ ଠାରୁ ସାରା ଦେଶରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ଇଥାନଲ ଥିବା ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି ଲାଗି ପ୍ରାରମ୍ଭିକ ପ୍ରୟାସ କରିବା ନିମନ୍ତେ ସ୍ଥାୟୀ ସମିତି ସୁପାରିସ କରିଛି । ଏହାକୁ ଦୃଷ୍ଟିରେ ରଖି ଜାତୀୟ ଜୈବ ଇନ୍ଧନ ନୀତିରେ ସଂଶୋଧନ କରାଯାଉଛି ।ଜୈବ ଇନ୍ଧନ ଉତ୍ପାଦନ ପାଇଁ ଫିଡଷ୍ଟକ୍‌କୁ ମଞ୍ଜୁରି ମିଳିଛି। ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ର ଲକ୍ଷ୍ୟକୁ ଇଏସୱାଇ ୨୦୩୦ ପୂର୍ବରୁ ୨୦୨୫-୨୬ ଠାରୁ ହାସଲ କରିବା ପାଇଁ ପ୍ରାରମ୍ଭିକ ପ୍ରୟାସ କରିବା;ମେକ୍ ଇନ୍ କାର୍ଯ୍ୟକ୍ରମ ଅଧୀନରେ ସ୍ୱତନ୍ତ୍ର ଆର୍ଥିକ ଜୋନ (ଏସଇଜେଡ), ରପ୍ତାନି ଉନ୍ମୁଖ ୟୁନିଟ (ଇଓୟୁ) ଜରିଆରେ ଦେଶରେ ଜୈବ ଇନ୍ଧନ ଉତ୍ପାଦନକୁ ପ୍ରୋତ୍ସାହନ;ଏନବିସିସିରେ ନୂଆ ସଦସ୍ୟଙ୍କୁ ସାମିଲ କରିବା;ସ୍ୱତନ୍ତ୍ର କ୍ଷେତ୍ରରେ ଜୈବ ଇନ୍ଧନ ରପ୍ତାନିକୁ ଅନୁମତି ଦେବା ଏବଂ ଜାତୀୟ ଜୈବ ଇନ୍ଧନ ସମନ୍ୱୟ ସମିତିର ବୈଠକ ସମୟରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଲାଗି ନୀତିରେ ରହିଥିବା କେତେକ ବାକ୍ୟକୁ କାଟିବା ଓ ସେଥିରେ ସଂଶୋଧନ କରିବାକୁ ମଂଜୁରୀ ମିଳିଛି ।ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେବା ଫଳରେ ସ୍ୱଦେଶୀ ପ୍ରଯୁକ୍ତି ବିକାଶ ପାଇଁ ଆକର୍ଷଣ ଓ ସମର୍ଥନ ବଢ଼ିବ । ଯାହାଫଳରେ ମେକ୍ ଇନ ଇଣ୍ଡିଆ ଅଭିଯାନ ପାଇଁ ମାର୍ଗପ୍ରଶସ୍ତ ହେବ ତଥା ଅଧିକ ରୋଜଗାର ସୁଯୋଗ ସୃଷ୍ଟି ହେବ ।୨୦୧୮ରେ ବର୍ତମାନର ଜାତୀୟ ଜୈବ ଇନ୍ଧନ ନୀତି ପ୍ରଣୟନ କରାଯାଇଥିଲା । ଏହି ପ୍ରସ୍ତାବିତ ସଂଶୋଧନ ପରେ ମେକ୍ ଇନ୍ ଇଣ୍ଡଆ ଅଭିଯାନ ପାଇଁ ମାର୍ଗ ପ୍ରଶସ୍ତ ହେବ । ଏଥିସହିତ ଅଧିକରୁ ଅଧିକ ମାତ୍ରାରେ ଜୈବ ଇନ୍ଧନ ଉତ୍ପାଦନ ଜରିଆରେ ପେଟ୍ରୋଲିୟମ ଉତ୍ପାଦ ଆମଦାନୀକୁ ହ୍ରାସ କରାଯିବା ସମ୍ଭବ ହୋଇପାରିବ । ଜୈବ ଇନ୍ଧନ ପାଇଁ ଅନେକ ଫିଡଷ୍ଟକ୍‌କୁ ମଞ୍ଜୁରି ଦିଆଯାଉଛି। ଏହି ପଦକ୍ଷେପ ଫଳରେ ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହନ ମିଳିବ ଏବଂ ୨୦୪୭ ସୁଦ୍ଧା ଭାରତ ଇନ୍ଧନ କ୍ଷେତ୍ରରେ ସ୍ୱାଧୀନ ହେବାର ପରିକଳ୍ପନା ତ୍ୱରାନ୍ୱିତ ହୋଇପାରିବ ।

### ୫ ହଜାର ନବମ ଛାତ୍ରଛାତ୍ରୀ କାହିଁକି ପରୀକ୍ଷା ଦେଲେନି ତାର ସମୀକ୍ଷା ହେବ:ଗଣ ଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୮।୫(ପି.ଏନ): ସାରା ରାଜ୍ୟରେ ୧୫ ହଜାର ନବମ ଛାତ୍ରଛାତ୍ରୀ କାହିଁକି ପରୀକ୍ଷା ଦେଲେନି ତାର ସମୀକ୍ଷା ହେବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ସେ କହିଛନ୍ତି ଯେ ସଂପୃକ୍ତ ପିଲାଙ୍କ ଅଭିଭାବକଙ୍କ ସହ ଆଲୋଚନା ହେବ । ଅଭିଭାବକମାନଙ୍କ ସହ ଆଲୋଚନା କରି ସ୍କୁଲକୁ ଆଣିବା ବ୍ୟବସ୍ଥା ହେବ । ଡ୍ରପଆଉଟ୍ ପିଲାଙ୍କୁ ସ୍କୁଲକୁ ଆଣିବାକୁ ସବୁ ସ୍ତରରେ ଉଦ୍ୟମ ହେବ ବୋଲି ସେ କହିଛନ୍ତି ।

### କନ୍ଧମାଳରେ ପୁଣି ସ୍ଥିତି ଜାହିର କଲା ମାଓ ସଂଗଠନ

କନ୍ଧମାଳ, ୧୮।୫(ପି.ଏନ): କିଛି ଦିନର ନିରବତା ପରେ କନ୍ଧମାଳରେ ମାଓ ସଙ୍ଗଠନ ପୁଣି ନିଜର ସ୍ଥିତି ଜାହିର କରିଛି । ଜିଲ୍ଲାର ବାଲିଗୁଡ଼ା ଥାନା ଲଣ୍ଡା ଗାଁ, ଖମଣଖୋଲ ଓ ତୁମୁଡ଼ିବନ୍ଧ ଥାନା କୁର୍ତମଗଡ଼ ଅଂଚଳରେ ମାଓ ସଂଗଠନ ପକ୍ଷରୁ ପୋଷ୍ଟର ବ୍ୟାନର ଲଗାଯାଇଥିବା ଦେଖିବାକୁ ମିଳିଛି । ମଇ ୨୦ ତାରିଖ ଓଡ଼ିଶା-ପୂର୍ବ ଛତିଶଗଡ଼ ୨୪ ଘଂଟିଆ ବନ୍ଦ ପାଳନ କରିବାକୁ ବ୍ୟାନର ପୋଷ୍ଟର ମାଧ୍ୟମରେ ଆହ୍ୱାନ ଦିଆଯାଇଛି । ମୁକୁନ୍ଦ କହଁର ହତ୍ୟାକାରୀ ପୋଲିସ କର୍ମଚାରୀଙ୍କୁ କଠିନରୁ କଠିନ ଦଣ୍ଡ ଦିଆଯାଉ, ଆଗାମୀ ଦିନରେ ପୋଲିସ ଓ ସିଆରପିଏଫ ଗୁଣ୍ଡାଙ୍କ ଅତ୍ୟାଚାର ଓ ହତ୍ୟା ବିରୋଧରେ ସ୍ଥାନୀୟ ଜନତା ବିଦ୍ରୋହ ଆରମ୍ଭ କରନ୍ତୁ ବୋଲି ବ୍ୟାନରରେ ଉଲ୍ଲେଖ ରହିଛି । ଅନ୍ୟପଟେ ଗତ ଫେବୃଆରୀ ମାସରେ ପୋଲିସକୁ ଟାର୍ଗେଟ କରି ଆଇଇଡି ଖଞ୍ଜା ଯାଇଥିଲା, କିନ୍ତୁ ଦୁର୍ଭାଗ୍ୟବଶତଃ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା । ଏହି ଦୁଃଖଦ ଘଟଣା ପାଇଁ ଆମେ ଜନତାଙ୍କୁ ଓ ମୃତକଙ୍କ ପରିବାରକୁ କ୍ଷମା ମାଗୁଅଛୁ । ଏହି ଘଟଣା ପାଇଁ ପୋଲିସ ଦାୟୀ ଅଟେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ) ବୋଲି ପୋଷ୍ଟରରେ ଉଲ୍ଲେଖ ଥିବା ଦେଖିବାକୁ ମିଳିଛି ।

## ବିଧାନସଭା ଷ୍ଟାଣ୍ଡିଂ କମିଟି-୧୦ର ତୃତୀୟ ବୈଠକ

ଭୁବନେଶ୍ୱର, ୧୮।୫(ପି.ଏନ): ବିଧାନସଭା ଷ୍ଟାଣ୍ଡିଂ କମିଟି -୧୦ର ତୃତୀୟ ବୈଠକ ଆଜି ପୂର୍ବାହ୍ନରେ ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସଂପର୍କରେ ବିଧାୟକ ଶ୍ରୀ ତରାଇ ଆଲୋକପାତ କରିବା ସହିତ 'ବସୁନ୍ଧରା' ଯୋଜନାରେ ଭୂମିହୀନ ଲୋକଙ୍କୁ ୪ ଡିସିମିଲ ଜାଗା ଯୋଗାଇଦେବା ସହିତ ଗ୍ରୀଷ୍ମଦିନେ ବିଦ୍ୟୁତ କାଟ ନକରିବାକୁ ପରାମର୍ଶ ଦେଇଛନ୍ତି । ସହରାଞ୍ଚଳରେ ୧୦୦/୧୫୦ ଭୂମିହୀନ ପରିବାରଙ୍କୁ ଗୋଟିଏ ସ୍ଥାନରେ ଜମି ପ୍ରଦାନ କରିବା ସହିତ ମୌଳିକ ଆବଶ୍ୟକତା ଯଥା-ପାନୀୟ ଜଳ, ବିଦ୍ୟୁତ ସଂଯୋଗୀକରଣ କରାଯାଇପାରିଲେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ଏହାର ସୁଫଳ ପାଇବା ସହ ସହରର ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରହିବ ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି । ଭୂମିହୀନଙ୍କ ଆଧାର ଲିଙ୍କ ହେଲେ ହିଁ ଜଣେ ବ୍ୟକ୍ତି ଗୋଟିଏ ସ୍ଥାନରେ ଜମି ପାଇବ । ଅନ୍ୟଥା ଜଣେ ବ୍ୟକ୍ତି ଅନେକ ସ୍ଥାନରେ ଜମି ପାଇଁ ଆବେଦନ କରିବାର ସମ୍ଭାବନା ଅଛି ବୋଲି ସଦସ୍ୟମାନେ ପ୍ରକାଶ କରିଛନ୍ତି । ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଅବାଧ ବାଲି ଚାଲାଣର ଅଭିଯୋଗ ଆସୁଛି । ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଟି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ଜନସାଧାରଣ, ମୁଖ୍ୟତଃ ଛାତ୍ରଛାତ୍ରୀ ଓ ବୃଦ୍ଧବୃଦ୍ଧାଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିକୋଣରୁ ଗ୍ରୀଷ୍ମଦିନେ ବିଜୁଳି କାଟ ନକରିବା ଓ ବର୍ଷାଦିନ ପୂର୍ବରୁ ୩୩/୧୧ କେଭି ଗ୍ରୀଡ୍ ଷ୍ଟେସନ୍ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ କମିଟି ନିର୍ଦ୍ଦେଶ ଦେଇଛି । ଯେଉଁ ଗ୍ରାମଗୁଡ଼ିକୁ ବିଦ୍ୟୁତ ତାର ସଂଯୋଗ ହୋଇଛି କିନ୍ତୁ ଟ୍ରାନ୍ସଫର୍ମର ଅକାମୀ ହୋଇଯାଇଛି, ତେଣୁ ବିଦ୍ୟୁତ ଯୋଗାଣ ହୋଇପାରୁନାହିଁ । ଅଥଚ, ଗ୍ରାମବାସୀଙ୍କ ପାଖକୁ ମାସିକ ହାରାହାରି ବିଦ୍ୟୁତ ବିଲ୍ ଆସୁଛି ବୋଲି ଅନେକ ସ୍ଥାନରେ ଜନସାଧାରଣ ଅଭିଯୋଗ କରୁଛନ୍ତି । ଏଭଳି ସ୍ଥଳେ ହାରାହାରି ବିଦ୍ୟୁତ ବିଲ୍ ନଦେବାକୁ କମିଟି ନିର୍ଦ୍ଦେଶ ଦେଇଛି । ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବିଧାୟକ ପର୍ଶୁରାମ ଧଡ଼ା, ଜଗନ୍ନାଥ ନାୟକ, ରୁଦ୍ରପ୍ରତାପ ମହାରଥୀ, ପ୍ରଭୁ ଜାନୀ, ରଘୁରାମ ପଡ଼ାଲ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଆଇଜିଆର ଜେ.ପି. ଦାସ, ବିଧାନସଭା ସଚିବ ଦାଶରଥୀ ଶତପଥୀ, ସ୍ୱତନ୍ତ୍ର ସଚିବ ବି.ବି. ଦାସ, ଉପସଚିବ ସୁଶିଳା ମଲ୍ଲିକ, ଡେସ୍କ ଅଧିକାରୀ ବିଦ୍ୟାଧର ମାଝୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ଶକ୍ତି ବିଭାଗର ଅଧିକାରୀ, ବିଦ୍ୟୁତ୍ ଯୋଗାଣ କମ୍ପାନୀର କର୍ମକର୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ସିଆରପି ଗୁଳିକାଣ୍ଡ ଘଟଣାରେ ଜଣେ ଗିରଫ , ସ୍ତ୍ରୀର ବନ୍ଧୁକରୁ ଗୁଳି ଫୁଟାଇଥିଲା ଅଭିଯୁକ୍ତ

ଭୁବନେଶ୍ୱର,୧୮।୫(ପିଏନ):ଭୁବନେଶ୍ୱର ସିଆରପି ଛକରେ ଏୟାର ଫାୟରିଂ ଘଟଣାରେ ଜଣଙ୍କୁ ଗିରଫ କରିଛି କମିଶନରେଟ୍ ପୋଲିସ୍। ଅଭିଯୁକ୍ତ ଜଣକ ହେଲେ ବିନୟ ଆଚାର୍ଯ୍ୟ। ସେ ଗତକାଲି ସିଆରପିରୁ ୟୁନିଟ୍ ୮ ରାସ୍ତାରେ ନିଜ ସ୍ତ୍ରୀଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକରୁ ଫାଙ୍କା ଗୁଳି ଚଲାଇଥିଲେ। ବିନୟର ପତ୍ନୀ ଜଣେ ଜାତୀୟ ସ୍ତରର ଶୁଟର। ପୋଲିସ୍ ତାଙ୍କ ଠାରୁ ଗୋଟିଏ ବନ୍ଧୁକ, ପାଂଚ ରାଉଣ୍ଡ ଜୀବନ୍ତ ଗୁଳି ଓ ୮୧ ଟି ଖାଲି ଖୋକା ଜବତ କରିଛି। ତାଙ୍କ ବନ୍ଧୁକର ଲାଇସେନ୍ସ ରଦ୍ଦ କରିବାକୁ ଆବେଦନ କରାଯିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ।

## କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ନୂଆ ମୋଡ଼, ଅଭିଯୁକ୍ତ ପ୍ରେମିକ ଥାନାରେ ଅଟକ

ମାଲକାନଗିରି, ୧୮।୫(ପି.ଏନ): କାଲିମେଳା ମହାବିଦ୍ୟାଳୟର ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀ ଶଙ୍କରି ସରଦାର ( ୧୮ବର୍ଷ ) ଙ୍କ ଆତ୍ମହତ୍ୟା ଘଟଣା ନୂଆ ମୋଡ଼ ନେଇଛି । ଛାତ୍ରୀଙ୍କ ଶବ ଏମ୍ଭି - ୧୨୬ ଓ ଏମ୍ଭି - ୭୨ ମଝିରେ ବିଏସଏଫ୍ କ୍ୟାମ୍ପ ସମ୍ମୁଖ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା । ଛାତ୍ରୀଙ୍କ ଦୁଇ ଆଣ୍ଠୁ ମାଟିରେ ଲାଗି ରହିଥିବା ବେଳେ ଗୋଟିଏ ସରୁ ଡାଳରେ ବନ୍ଧା ହୋଇଥିବା ଓଢ଼ଣୀରେ ବେକ ଗୁଡ଼ାଇ ହୋଇ ରହିଥିଲା । ଏତେ ସରୁ ଡାଳରେ ଛାତ୍ରୀ ଜଣଙ୍କ କେମିତି ଝୁଲିଲେ ଏବଂ ମୃତ୍ୟୁ କେମିତି ହେଲା ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା । ଏମଭି - ୭୯ ଥାନା ପୁଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତେବେ ଛାତ୍ରୀଙ୍କ ସହିତ ଜଣେ ଯୁବକ ସେହି ଦିନ ସାରା ଏକାଠି ରହିଥିବା ଅନେକ ସ୍ଥାନୀୟ ଲୋକ ଦେଖିଥିବା ପ୍ରକାଶ କରିଥିଲେ । ଏହାପରେ ଛାତ୍ରୀଙ୍କ ମୋବାଇଲ ଯାଂଚ୍ କରିବାରୁ ସଂପୃକ୍ତ ଯୁବକଙ୍କ ବିଷୟରେ ପୁଲିସକୁ ଅଧିକ ସୂଚନା ମିଳିଥିଲା । କାଲିମେଳା ଥାନା ଅନ୍ତର୍ଗତ ଭେଙ୍କଟପାଲମ ପଚାଂୟତ ଏମପିଭି - ୨୯ ଗ୍ରାମର ଅଜୟ ଢ଼ାଲି ଘଟଣା ଦିନ ଛାତ୍ରୀଙ୍କ ସହ ରହିଥିଲେ ବୋଲି ପୁଲିସ ଠୋସ୍ ପ୍ରମାଣ ପାଇଥିଲା ।

## ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳ

ଭୁବନେଶ୍ୱର, ୧୮।୫(ପି.ଏନ): ଓଡ଼ିଶା ଉପକୂଳ ଚାନ୍ଦିପୁର ସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି (ଆଇଟିଆର)ରୁ ବୁଧବାର ଦିନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ନୌସେନାର ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ସଫଳ ହୋଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ପକ୍ଷରୁ ଏହି ପରୀକ୍ଷଣ ସମ୍ପାଦନ କରାଯାଇଥିଲା । ନୌସେନାର ଏକ ହେଲିକପ୍ଟର ଜରିଆରେ କ୍ଷେପଣାସ୍ତ୍ରର ବୈମାନିକ ପରୀକ୍ଷା ବା ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା । ଏହି ପରୀକ୍ଷଣ ସମସ୍ତ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିଥିଲା। ଭାରତୀୟ ନୌସେନା ପାଇଁ ଏହା ହେଉଛି ଆକାଶ ମାର୍ଗରୁ ନିକ୍ଷେପ କରାଯାଇ ପାରୁଥିବା ପ୍ରଥମ ସ୍ୱଦେଶୀ ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର ପ୍ରଣାଳୀ। ପରୀକ୍ଷା ସମୟରେ ଏହି କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସାମୁଦ୍ରିକ ମାର୍ଗରେ ଗତି କରିଥିଲା ଏବଂ ନିର୍ଦ୍ଧାରିତ ଲକ୍ଷ୍ୟକୁ ସମ୍ପୂର୍ଣ୍ଣ ସଠିକ୍ ଭାବେ ଭେଦ କରିବାରେ ସକ୍ଷମ ହୋଇଥିଲା। ଏଥିସହିତ ନିୟନ୍ତ୍ରଣ, ମାର୍ଗଦର୍ଶନ ଓ ମିଶନ ଆକଳନକୁ ସମ୍ପୂର୍ଣ୍ଣ ସଠିକ୍ ଭାବେ କାର୍ଯ୍ୟକାରୀ କରିଥିଲା। ଏହାର ସବୁ ଉପ-ପ୍ରଣାଳୀ ସନ୍ତୋଷଜନକ ପ୍ରଦର୍ଶନ କରିଥିଲା। ପରୀକ୍ଷଣ ରେଞ୍ଜର ବିଭିନ୍ନ ସ୍ଥାନରେ ଏବଂ ଇମ୍ପାକ୍ଟ ପଏଣ୍ଟରେ ଲାଗିଥିବା ସେନ୍ସର କ୍ଷେପଣାସ୍ତ୍ରର ଗତିପଥକୁ ନିରୀକ୍ଷଣ କରିଥିଲା ଏବଂ ସବୁ ଘଟଣାକ୍ରମକୁ ରେକର୍ଡ କରିଥିଲା। ଏହି କ୍ଷେପଣାସ୍ତ୍ର ପ୍ରଣାଳୀରେ ଅନେକ ନୂଆ ଜ୍ଞାନକୌଶଳ ଖଞ୍ଜା ଯାଇଛି। ଏଥିରେ ହେଲିକପ୍ଟର ପାଇଁ ସ୍ୱଦେଶୀ ଭାବେ ବିକଶିତ ଏକ ଲଂଚର୍ ସଂଯୋଗ କରାଯାଇଛି। କ୍ଷେପଣାସ୍ତ୍ରର ମାର୍ଗଦର୍ଶୀ ପ୍ରଣାଳୀରେ ଅତ୍ୟାଧୁନିକ ନାଭିଗେସନ ବ୍ୟବସ୍ଥା ଓ ସମନ୍ୱିତ ଏଭିଓନିକ୍ସ ଖଞ୍ଜା ହୋଇଛି। ଆଜିର ଫ୍ଲାଇଟ୍ ଟେଷ୍ଟ ସମୟରେ ଡିଆରଡିଓ ଓ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ, ଭାରତୀୟ ନୌସେନା ଏବଂ ଆଜିର ଫ୍ଲାଇଟ୍ ଟେଷ୍ଟରେ ସମ୍ପୃକ୍ତ ଥିବା ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଯେ ସ୍ୱଦେଶୀ ଡିଜାଇନ ଏବଂ କ୍ଷେପଣାସ୍ତ୍ର ପ୍ରଣାଳୀ ବିକାଶ କ୍ଷେତ୍ରରେ ଭାରତ ଉଚ୍ଚ ସ୍ତରୀୟ ସାମର୍ଥ୍ୟ ହାସଲ କରିଛି । ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ ସଚିବ ଏବଂ ଡିଆରଡିଓ ଅଧ୍ୟକ୍ଷ ଡକ୍ଟର ଜି. ସତୀଶ ରେଡ୍ଡୀ ଏହି ସଫଳ ମିଶନରେ ସାମିଲ ଥିବା ପ୍ରକଳ୍ପ ଟିମ୍ କୁ ଏହି ପରୀକ୍ଷଣ ପାଇଁ ପ୍ରଶଂସା କରିଛନ୍ତି।

## ମଠ ମନ୍ଦିର ମୁକ୍ତି ପାଇଁ ଦେବାଳୟ ବିମୋଚନମ ଟ୍ରଷ୍ଟ ପକ୍ଷରୁ ଆଲୋଚନାଚକ୍ର ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର,୧୮।୫(ପି.ଏନ): ଗତ ତା ୧୬,୦୫ ୨୨ ରିଖ ସନ୍ଧ୍ୟାରେ ଦେବାଳୟ ବିମୋଚ୍‌ନମ ଟ୍ରଷ୍ଟ ଆନୁକୂଲ୍ୟରେ କଟକ ଶତାବ୍ଦୀ ଭବନରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଶ୍ରୀ ଆଦିତ୍ୟ ପ୍ରସାଦ ଧଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ।ଟ୍ରଷ୍ଟର ମୁଖ୍ୟ ଶ୍ରୀ ପ୍ରଦୀପ୍ତ କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀ ଏମ,ନଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ନିୟନ୍ତ୍ରଣାରୁ ମଠ ମନ୍ଦିର ମୁକ୍ତି ପାଇଁ ସମ୍ବିଧାନର ଧାରା୧୨ ୨୫,୨୬ , ର ସଂଶୋଧନ ର ଆବଶ୍ୟକତା ଅଛି ବୋଲି ମତ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ,ବାବାଜୀ ସତ୍ୟନନ୍ଦ ଦାସ ଶ୍ରୀ ବିନୟ ସିଂ , ଆଡ଼ଭୋକେଟ ଅରବିନ୍ଦ ମହାନ୍ତି ପ୍ରଭୃତି ମନ୍ଦିର ଓ ମଠ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ ହୋଇ ସାଧୁ ସନ୍ଥ ଓ ଭକ୍ତ ମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ ବୋଲି ମତ ପୋଷଣ କରିଥିଲେ ।ଅନେକ ବୁଦ୍ଧିଜୀବୀ ଯଥା ବରିଷ୍ଠ ସାମ୍ବାଦିକମାତୃ ଦତ୍ତ ମହାନ୍ତି,କୈଳାଶ ଚନ୍ଦ୍ର ଜେନା,ପଣ୍ଡିତ ପଦ୍ମଲବ ତ୍ରିପାଠୀ,



ପଣ୍ଡିତ ହୃଷୀକେଶ ସାହୁ ପଣ୍ଡିତ ପ୍ରଶାନ୍ତ ଶତପଥି ପ୍ରଭୃତି ଆଲୋଚନାରେ ଭାଗ ନେଇ ନିଜର ମତ ରଖିଥିଲେ ।ଆଦ୍ୟ ତା ୧୭,୦୫ ୨୨ ରିଖରେ ଚାରି ଜଣିଆ ପ୍ରତିନିଧି ମଣ୍ଡଳି ଶ୍ରୀ ନଗେଶ୍ୱର ରାଓ ଙ୍କ ନେତୃତ୍ୱରେ ମହାମହିମ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ମହାମହିମ ରାଜ୍ୟପାଳଙ୍କୁ ଟ୍ରଷ୍ଟ ତରଫରୁ ଏକ ଦାବିପତ୍ର ରାଜଭବନରେ ମହାମହିମ ରାଜ୍ୟପାଳଙ୍କୁ ସାକ୍ଷାତ କରି ଦିଆଯାଇଚ଼ି ।ସମ୍ବିଧାନ ସଂଶୋଧନ କରି ହିନ୍ଦୁ ମାନଙ୍କ ମନ୍ଦିର ଓ ମଠ ସରକାରଙ୍କ ନିୟନ୍ତ୍ରଣାରୁ ମୁକ୍ତି କରିବାର ପ୍ରୟାସ କରାଯିବା ସହିତ ହିନ୍ଦୁ ମାନଙ୍କର ଧାର୍ମିକ, ଶିକ୍ଷଗତ ,ଓ ସାଂସ୍କୃତିକ ଅଧିକାର ଉପରେ ଥିବା ଅଙ୍କୁଶ କୁ ହଟାଇ ଅନ୍ୟ ଧର୍ମାବଲମ୍ବୀ ଲୋକ ମାନଙ୍କ ଯେଉଁ ସ୍ୱାଧୀନତା ଦିଆଯାଇଛି ,ସେହି ସମାନ ଅଧିକାର ହିନ୍ଦୁ ମାନଙ୍କୁ ଦିଆଯାଉ ।ଏହି ସମାବେଶକୁ ସଫଳ କରିବା ପଛରେ ସଂଗଠନର ପ୍ରମୁଖ ସଦସ୍ୟ ଶ୍ରୀ ସୁଶାନ୍ତ କୁ ଦାଶ, ପ୍ରଦୀପ୍ତ ସାହୂ,ସାଗରିକ ସାହୂ,ବ୍ରଜ କିଶୋର ନାୟକ,ଶ୍ରୀ ସନ୍ତୋଷ ସାହୂ,ମନୋଜ ପରିଡା ସତ୍ୟନାରାୟଣ ସାହୂ ଙ୍କ ଅବଦାନ ସ୍ମରଣୀୟ ।

## ମହିଳା ଭୋଟବ୍ୟାଙ୍କ ପାଇଁ ବିଜେଡି ସରକାରଙ୍କ ବଡ ଗେମପ୍ଲାନ: ୫ବର୍ଷରେ ୫୦ ହଜାର କୋଟିର ଋଣ

ଭୁବନେଶ୍ୱର,୧୮।୫(ପି.ଏନ) : ରାଜ୍ୟର କ୍ଷମତାସୀନ ବିଜେଡି ସରକାର ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଏକ ବଡ ଗେମ୍ ପ୍ଲାନ୍ ପ୍ରସ୍ତୁତ କରିଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଆସନ୍ତା ୫ବର୍ଷ ମଧ୍ୟରେ ୫୦ହଜାର କୋଟି ଟଙ୍କାର ଋଣ ସୁବିଧା, ୧୨୦୦କୋଟି ଟଙ୍କାର ସୁଧ ରିହାତି ଓ ରାଜ୍ୟବ୍ୟାପୀ ୫୦୦ଟି ମିଶନ ଶକ୍ତି ବଜାର ଓ ଆଉଟଲେଟ୍ ସ୍ଥାପନ କରିବାକୁ ରାଜ୍ୟ କ୍ୟାବିନେଟ ଆଜି ମଞ୍ଜୁରୀ ଦେଇଛନ୍ତି । ଏହି ନିଷ୍ପତ୍ତି ମାଧ୍ୟମରେ ବିଜେଡି ସରକାର ରାଜ୍ୟର ୬.୦୨ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୭୦ଲକ୍ଷ ମହିଳା ସଦସ୍ୟାଙ୍କୁ ନିଜର ଭୋଟ୍ ବ୍ୟାଙ୍କ ଭାବେ ରଖିବାକୁ ବାନ୍ଧି ରଖିବାକୁ ରଣନୀତି ପ୍ରସ୍ତୁତ କରିଛି ।ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଥିବା



ନିଷ୍ପତ୍ତି ଅନୁସାରେ, ୨୦୨୨-୨୩ରୁ ୨୦୨୬-୨୭ ପର୍ଯ୍ୟନ୍ତ ରାଜ୍ୟ ବଜେଟରେ 'ମିଶନ ଶକ୍ତି' ଯୋଜନାରେ ୪୯୭୩.୩୯କୋଟି ଟଙ୍କା କ୍ୟାବିନେଟରେ ଅନୁମୋଦନ କରାଯାଇଛି । ଗ୍ରାମାଂଚ଼ଳ ଓ ସହରାଂଚ଼ଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଓ ଏହି ଆନ୍ଦୋଳନର ପ୍ରସାରଣ, ରାଜ୍ୟବ୍ୟାପୀ ମହିଳା ଏସଏଚ୍‌ଜି ଓ ମହାସଂଘଗୁଡିକର ସଶକ୍ତିକରଣ, ପ୍ରତ୍ୟେକସ୍ତରରେ ମହିଳା ଏସଏଚ୍‌ଜିଙ୍କ କ୍ଷମତା ଓ ଦକ୍ଷତା ବୃଦ୍ଧି ଆଦି କାର୍ଯ୍ୟକ୍ରମ କରାଯିବ ।ସେହିପରି ଆସନ୍ତା ୫ବର୍ଷ ମଧ୍ୟରେ ପ୍ରତ୍ୟେକ ଜିଲ୍ଲା,ବ୍ଲକ ଓ ପଂଚ଼ାୟତ ଏବଂ ସହରର ୱାର୍ଡଗୁଡିକରେ ମିଶନ ଶକ୍ତି ଗୃହ ନିର୍ମାଣ ହେବ । ବିଭିନ୍ନ ସରକାରୀ ବିଭାଗର ସହଭାଗିତାରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ତଥା ମହାସଂଘଙ୍କୁ ୬୬୦୦କୋଟିରୁ ଅଧିକ ବ୍ୟବସାୟ ଯୋଗାଇ ଦିଆଯିବ । ମହିଳା ଏସଏଚ୍‌ଜିଗୁଡିକ ଆସନ୍ତା ୫ବର୍ଷ ମଧ୍ୟରେ ୫୦ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା କରାଯିବ । ସେମାନଙ୍କୁ ୧୨୦୦କୋଟି ଟଙ୍କାର ସୁଧ ରିହାତି ମଧ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ ।ରାଜ୍ୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ସାମଗ୍ରୀକୁ ବିକ୍ରି ନିମନ୍ତେ ୫୦୦ଟି ଆଉଟଲେଟ୍ ମଧ୍ୟ ସ୍ଥାପନ କରାଯିବ । ପ୍ରାୟ ୩୫ରୁ ୪୦ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଜୀବିକା ନିର୍ବାହ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ତାଲିମ ଦିଆଯିବ ।ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ଦ୍ୱାରା ମହିଳାଙ୍କ ନେତୃତ୍ୱାଧୀନ ଏସଏଚ୍‌ଜିଗୁଡିକର ଅର୍ଥନୀତିକ ଓ ସାମାଜିକ ସଶକ୍ତିକରଣ ଅଭିବୃଦ୍ଧି ହୋଇପାରିବ । ତଥା ମିଶନ ଶକ୍ତିର ଏହି ନିରବ ବିପ୍ଳବକୁ ଆହୁରି ମଜଭୁତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।ସୂଚ଼ନାଯୋଗ୍ୟ, ଶାସକ ବିଜେଡି ରାଜ୍ୟରେ ମହିଳା ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ନୂଆ ନୂଆ ଯୋଜନା ମାଧ୍ୟମରେ ମହିଳା ଏସଏଚ୍‌ଜିଗୁଡିକ ନିମନ୍ତେ ସରକାରୀ ତହବିଲ୍ ଖୋଲିବାରେ ଲାଗିଛନ୍ତି । ଯେଉଁଥିପାଇଁ ଏହି ମହିଳା ଭୋଟ ବ୍ୟାଙ୍କରେ ଛିଦ୍ର କରିବାକୁ ଏପର୍ଯ୍ୟନ୍ତ ବିରୋଧୀ ବିଜେପି ଓ କଂଗ୍ରେସ ସକ୍ଷମ ହୋଇପାରୁନଥିବା ଜଣାପଡିଛି ।

## ଦରଦାମ ବୃଦ୍ଧି ବିରୋଧରେ ୨୫ରୁ ୩୧ ଯାଏଁ ଆନ୍ଦୋଳନ ପାଇଁ ବାମପନ୍ଥୀ ଦଳମାନଙ୍କର ଆହ୍ୱାନ

ଭୁବନେଶ୍ୱର, ୧୮।୫(ପି.ଏନ): ଦରଦାମ୍ ବୃଦ୍ଧି ପ୍ରତିବାଦରେ ବାମପନ୍ଥୀ ଦଳମାନେ ମଇ ମାସ ୨୫ରୁ ୩୧ ପର୍ଯ୍ୟନ୍ତ ଦେଶବ୍ୟାପୀ ଆନ୍ଦୋଳନ ପାଇଁ ଆହ୍ୱାନ କରିଛନ୍ତି । ବାମପନ୍ଥୀ ଦଳର ନେତାମାନେ ଏକ ମିଳିତ ବିବୃତିରେ କହିଛନ୍ତି ଯେ ଦରଦାମ ବୃଦ୍ଧି ସହିତ ବେକାରୀ ଭୟଙ୍କର ଭାବେ ବୃଦ୍ଧି ପାଇବା ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବହୁ ଗୁଣ ବୃଦ୍ଧି ପାଉଛି । ଧାରାବାହିକ ଭାବେ ପେଟ୍ରୋଲ ଜାତ ସାମଗ୍ରୀ, ରନ୍ଧନଗ୍ୟାସ ସିଲିଣ୍ଡର ଏବଂ ଗହମର ଉତ୍କଟ ଅଭାବ ଯୋଗୁଁ ଦେଶର ସାମଗୀକ ଭାବେ ମୁଦ୍ରାସ୍ଫିତି ବୃଦ୍ଧି ପାଇଛି । ଏତିକି ବେଳେ ପୁଣି ବିଜୁଳି ଦର ବୃଦ୍ଧି, ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ । ଏଭଳି ସ୍ଥିତିରେ ଦରଦାମ ବୃଦ୍ଧିରେ ଅଙ୍କୁଶ ଲଗାଇ ଲୋକଙ୍କୁ ବଞ୍ଚାଇବା ପାଇଁ ସି.ପି.ଆଇ.(ଏମ୍), ସି.ପି.ଆଇ.,, ସି.ପି.ଆଇ.ଏମ୍. ଏଲ୍.(ଲିବରେସନ୍), ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଭଳି ବାମପନ୍ଥୀ ଦଳମାନେ, କେନ୍ଦ୍ର ସରକାର ତୁରନ୍ତ ପେଟ୍ରୋଲଜାତ ସାମଗ୍ରୀ ଉପରେ ଆଦାୟ କରୁଥିବା ସେସ/ସରଚାର୍ଜ ପ୍ରତ୍ୟାହାର କରି ଦର କମାଇବା ଏବଂ ରନ୍ଧନଗ୍ୟାସ ସିଲିଣ୍ଡର ଦର କମାଇବା ପାଇଁ ଦାବୀ କରିଛନ୍ତି । ଏତଦ୍ ବ୍ୟତୀତ , ସରକାରୀ ଖୁଚୁରା ବିକ୍ରି କେନ୍ଦ୍ରରେ ଗହମ ସରକାରୀ ଦରରେ ଉପଲବ୍ଧ କରିବା ଏବଂ ଗଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରି ଖାଇବା ତେଲ, ଡାଲି ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯୋଗାଣ, ଆୟକର ଦେଉନଥିବା ପରିବାର ଗୁଡ଼ିକୁ ମାସିକ ୭୫୦୦/- ଟଙ୍କା ନଗଦ ଦେୟ ଦେବାକୁ ବାମପନ୍ଥୀ ଦଳମାନେ ଦାବୀ କରିଛନ୍ତି । ବେକାରୀ, ବେରୋଜଗାରୀ ଦୂରିକରଣ ଲାଗି ଜାତୀୟ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଆଇନରେ ଅଧିକ ବ୍ୟୟ ବରାଦ, ସହରାଞ୍ଚଳରେ କର୍ମନିଯୁକ୍ତି ନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନ ପ୍ରଣୟନ, ସମସ୍ତ ଖାଲିଥିବା ପଦବୀ ପୂରଣ ଏବଂ ନିଯୁକ୍ତି ନଚେତ ବେକାରୀ ଭତା ପାଇଁ ଦାବୀ କରାଯାଇଛି ।






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜି ହେଉଛି ଡିସେମ୍ବର ୦୧ ତାରିଖ। ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି। ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି। ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

- ବିଶ୍ୱ ଏଡ୍ସ ଦିବସ
- ଭାରତୀୟ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍ ପ୍ରତିଷ୍ଠା ହୋଇଥିଲା (୧୯୬୫)
- ବିହାରର-ଲକ୍ଷ୍ମଣପୁର ବାଥେଠାରେ ରଣବୀର ସେନା ରଚାଇଲା ନରସିଂହାର (୧୯୯୭)
- ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟରେ ପରିଣତ ହେଲା (୧୯୬୩)
- ୟୁନାଇଟେଡ୍ ନେଶନ୍‌ରେ ଯୋଗଦେଲା ଆଙ୍ଗୋଲା (୧୯୬୭)
- ବେନଜୀର ଭୁଟ୍ଟୋଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି କରାଗଲା (୧୯୮୮)

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି। ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ। ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ। ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ। ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ। ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା। ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍‍ୟାପ୍ ବା ଜରିକୁ ଖାଆନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ। ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ। ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଷକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

# ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇଞ୍ଜିନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

# ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି। ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ। ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ। କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ। ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଷ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ୍ୟ ଭଡ଼ାରେ ମିଳିଥାନ୍ତି। ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି। ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ। ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ। ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ୍ୟ ମିଳିଥାନ୍ତି। ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ। ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ୍ୟ ସମୟ ଅତିବାହିତ କରିପାରିବେ। ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ୍ୟ ସାହାଯ୍ୟ କରିବ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

# ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ୍ୟ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ୍ୟ। କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି।




# ଟେଲିଫୋନର ମଜା ଶହେ କୋଶ ଦୂରରୁ...

ଅନ୍ତର୍ଜାତୀୟ ଦୂରସଞ୍ଚାର ସଂଘର ପ୍ରତିଷ୍ଠା ଦିବସକୁ ମନେପକାଇବା ପାଇଁ ପ୍ରତି ବର୍ଷ ମେ ୧୭ ତାରିଖ ବିଶ୍ୱ ଦୂରସଞ୍ଚାର ଦିବସ ପାଳନ କରାଯାଏ। ୧୯୬୯ ମସିହାରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଜାତୀୟନୀତି, ବୈଷୟିକ ମତଭେଦ, ସମ୍ପର୍କକୁ ପ୍ରୋତ୍ସାହନ, ପଦ୍ଧତିର କାର୍ଯ୍ୟକାରିତାକୁ ବିଶ୍ୱ ସ୍ତରରେ ପ୍ରୋତ୍ସାହନ ଏବଂ ଇଣ୍ଟରନେଟ୍, ଟିଭି, ଫୋନ ଆଦି ମାଧ୍ୟମରେ ବ୍ୟକ୍ତିର ଦୂରତା ହ୍ରାସ କରିବା ଦିଗରେ ଏହି ଦିବସ ଧ୍ୟାନ ଦିଏ। ଲୋକଙ୍କ ମଧ୍ୟରେ ଟେକ୍ନୋଲୋଜି ଦ୍ୱାରା ସକାରାତ୍ମକ ସଞ୍ଚାର ପ୍ରତି ସଚେତନତା ବୃଦ୍ଧି କରିବା ପାଇଁ ପାଳନ କରାଯାଏ ବିଶ୍ୱ ଦୂରସଞ୍ଚାର ଦିବସ। ଦୂରବର୍ତ୍ତୀ ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ନିକଟରେ ସୂଚନା ଓ ସଞ୍ଚାର ପହଞ୍ଚାଇବା ଏହି ଦିବସର ଅନ୍ୟତମ ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ବିଷୟ ଆଧାରରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ଦୂରସଞ୍ଚାର ଦିବସର ବିଷୟ ରହିଛି 'ବୟସ୍କ ଲୋକଙ୍କ ପାଇଁ ଡିଜିଟାଲ ଟେକ୍ନୋଲୋଜିର ବ୍ୟବହାର ଏବଂ ସ୍ୱାସ୍ଥ୍ୟପ୍ରଦ ବୃଦ୍ଧାବସ୍ଥା'।

ପିଲାଦିନରେ ପାଠପଢ଼ା ଓଡ଼ିଆ ବହିରେ ଏକ ଅଧ୍ୟାୟରେ ଲେଖାଥିଲା 'ଟେଲିଫୋନର ମଜା ଶହେ କୋଶ ଦୂରରୁ ଫୋନ୍ କରୁଛି ଅଜା...'। ଆଜିର ସମୟରେ ସେ ସମୟର ଅଜାମାନେ ବର୍ତ୍ତମାନ କିନ୍ତୁ ହାତପାହାନ୍ତାରେ ସ୍ମାର୍ଟଫୋନ ଭିତରେ ଆଈ ସହ ସୁଖଦୁଃଖ ହୋଇପାରୁଛନ୍ତି। ବର୍ତ୍ତମାନର ସମୟକୁ ଦେଖିଲେ ଜଣାଯାଏ ମୋବାଇଲ ଫୋନ୍ ଆମ ଜୀବନକୁ ଖୁବ୍ ମାତ୍ରାରେ ପ୍ରଭାବିତ କରିଛି। ୧୯୧୮ରେ ଜର୍ମାନ ରେଲୱେଜ୍ ତରଫରୁ ବର୍ଲିନରୁ ଜୋସେନ ମଧ୍ୟରେ ଚାଲୁଥିବା ମିଲିଟାରୀ ଟ୍ରେନ ମାନଙ୍କରେ ୱାରଲେସ ଫୋନ ଆରମ୍ଭ ହୋଇଥିଲା। ୧୯୨୪ରେ ବର୍ଲିନରୁ ହାମ୍ବର୍ଗ ମଧ୍ୟରେ ଚାଲିଥିବା ଯାତ୍ରୀବାହୀ ଟ୍ରେନରେ ମଧ୍ୟ ତାର ବିହୀନ ଫୋନ୍ ଆରମ୍ଭ କରାଯାଇଥିଲା। ଏହା ପରେ ଫୋନ ଭାବେ ହ୍ୟାଣ୍ଡହେଲଡ ରେଡ଼ିଓ ଟ୍ରାନ୍ସିଭରସ୍ ୧୯୪୦ ଯାଏ ବ୍ୟବହାର କରାଯାଉଥିଲା। ଆମେରିକାର ବେଲଲ୍ୟାବ୍ ୧୭ ଜୁନ୍ ୧୯୪୬ରେ ମୋବାଇଲ ଫୋନ ସେବା ଆରମ୍ଭ କରିଥିବାର ଜଣାଯାଏ। ମସ୍କୋର ଜଣେ ଇଞ୍ଜିନିୟର ଲିଓନିଡ୍ କୁପ୍ରିୟାନୋଭିଚ୍ ୧୯୫୭ରୁ ୧୯୬୧ ମଧ୍ୟରେ ପକେଟ ସାଇଜ କମ୍ୟୁନିକେସନ ରେଡ଼ିଓ ନିର୍ମାଣ ସହିତ ପରୀକ୍ଷା ନିରୀକ୍ଷା ଆରମ୍ଭ କରିଥିଲେ। ମୋଟର୍ଲା କମ୍ପାନୀର ଇଞ୍ଜିନିୟର ମାର୍ଟିନ କୁପରଙ୍କୁ ସେଲ୍ ଫୋନର ଜନକ ବୋଲି କୁହାଯାଏ। ଅପ୍ରେଲ ୧୯୭୩ରେ କୁପର୍ ଗୋଟେ ମୋବାଇଲ ସେଟ ଯୋଗେ ପ୍ରଥମେ କଥାବାର୍ତ୍ତା ହୋଇଥିଲେ। ଜର୍ମାନ, ଆମେରିକା, ଋଷିଆ ଆଦି ଦେଶ ତୁଳନାରେ ଭାରତରେ ବହୁ ପରେ ଯାଇ ମୋବାଇଲ ଫୋନ ସେବା ଆସିଥିଲା। ୧୯୯୪ରେ ପ୍ରଥମଥର ପାଇଁ ଆମ ଦେଶରେ ବେସରକାରୀ ସଂସ୍ଥାମାନଙ୍କୁ ସେଲୁଲାର ଓ ରେଡ଼ିଓ ପେଜିଂ ସେବା ପାଇଁ ଅନୁମତି ମିଳିଥିଲା ଓ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସ୍ପେକଟ୍ରମ ନିଲାମ କରାଯାଇଥିଲା। ୧୯୯୫ରେ କୋଲକାତାରେ ପ୍ରଥମେ ମୋଦି ଟେଲଷ୍ଟ୍ରା କମ୍ପାନୀ ମୋବାଇଲ ନେଟୱାର୍କ ସ୍ଥାପନ କରିଥିଲେ। ସେହିବର୍ଷ ଜୁଲାଇ ୩୧ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଜ୍ୟୋତିବସୁ ମୋବାଇଲ ଫୋନ ମାଧ୍ୟମରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ସୁଖରାମଙ୍କ ସହିତ କଥା ହୋଇଥିଲେ। ଏହାକୁ ଆମ ଦେଶର ପ୍ରଥମ ଫୋନ୍ କଲ ବୋଲି କୁହାଯାଏ। ଦୂରସଞ୍ଚାର ସେବାର ନିୟନ୍ତ୍ରଣ ପାଇଁ ୧୯୯୭ରେ ଟ୍ରାଇ ବା ଟେଲିକମ୍ ରେଗୁଲେଟୋରୀ ଅଥରିଟି ଅଫ ଇଣ୍ଡିଆ ଗଠନ କରାଗଲା। ୧୯୯୯ରେ ସରକାର ନୂଆନୀତି ଆଣିବା ଫଳରେ ଅପରେଟର ସଂସ୍ଥା ସରକାରଙ୍କ ସହିତ ରାଜସ୍ୱ ଭାଗ ବାଣ୍ଟ କରିବାର ନିୟମ ରହିଲା। ଦିନେ ଲୋକଙ୍କୁ ଗୋଟେ ମିନିଟ କଥା ହେବାକୁ ଚବିଶ ଟଙ୍କା ଗଣିବାକୁ ପଡୁଥିବାବେଳେ ଆଜି ସମଗ୍ର ବିଶ୍ୱରେ ସବୁଠୁ ଶସ୍ତାରେ ଭାରତୀୟମାନେ ମୋବାଇଲ ଫୋନରେ କଥା ହୋଇପାରୁଛନ୍ତି। ୨୦୦୧ ମସିହା ବେଳକୁ ଫିକ୍ସଡ୍ ଲାଇନ ସେବା ଯୋଗାଉଥିବା ସଂସ୍ଥା ମାନଙ୍କୁ ମଧ୍ୟ ମୋବାଇଲ ସେବା ପାଇଁ ଅନୁମତି ମିଳିଗଲା।

ସ୍ମାର୍ଟଫୋନ ମାଧ୍ୟମରେ ମନୋରଞ୍ଜନ, ଟିକେଟ ବୁକିଂ, ଖାଦ୍ୟପେୟ ଅର୍ଡ଼ର, ନିତିଦିନିଆ ସାମଗ୍ରୀ କିଣାବିକା, ସ୍ୱାସ୍ଥ୍ୟ ପରୀକ୍ଷା, ପାଠପଢ଼ା, ପାଣିପାଗ ସୂଚନା, ଖବରକାଗଜ ଓ ବହି ପଢ଼ିବା, ଟିଭି, ସିନେମା ତଥା ଜ୍ଞାନବିଜ୍ଞାନର ସବୁ ପ୍ରକାର ତଥ୍ୟ ଓ ସୁବିଧା ମିଳିଛି। ପ୍ରତିଦିନ ନୂଆ ପ୍ରକାର ଆପ୍ଲିକେସନ ମୋବାଇଲ ଫୋନ ପାଇଁ ନିର୍ମିତ ହେଉଛି। ମୋବାଇଲ ସେବାରେ ୨ଜି, ୩ଜି ଏବଂ ୪ଜି ଆଦି ଟେକ୍ନୋଲୋଜି ବ୍ୟବହୃତ ହୋଇଥାଏ। ତେବେ ଜିର ଅର୍ଥ ଜେନେରେସନ। ପ୍ରଥମ ପର୍ଯ୍ୟାୟ ବା ଜେନେରେସନର ମୋବାଇଲ ଫୋନ୍ ୧ ଜି, ଦ୍ୱିତୀୟ ଜେନେରେସନକୁ କୁହାଗଲା। ୨ଜି, ତୃତୀୟଟି ହେଲା ୩ ଜି ଏବଂ ଚତୁର୍ଥଟି ୪ଜି। ଗୋଟେ ଜେନେରେସନରୁ ଆଉ ଗୋଟେ ଜେନେରେସନକୁ ଗଲାବେଳେ ମୋବାଇଲ ଫୋନରେ ଅଧିକ ଉନ୍ନତ ଏବଂ ଆଧୁନିକ ଜ୍ଞାନକୌଶଳ ବ୍ୟବହୃତ ହେଉଛି। ଏବେ ଆମ ଦେଶରେ ୪ଜି ମୋବାଇଲ ଫୋନ ବହୁଳ ମାତ୍ରାରେ ବ୍ୟବହାର ହେଉଛି ଏବଂ ୫ ଜି ଟେକ୍ନୋଲୋଜି କାର୍ଯ୍ୟକ୍ଷମ ହେବାକୁ ଯାଉଛି।

୧-ଜି : ଫାର୍ଷ୍ଟ ଜେନେରେସନ - ୧-ଜି ମୋବାଇଲ ନେଟୱାର୍କରେ ଆନାଲଗ୍ ଟେକ୍ନୋଲୋଜି ବ୍ୟବହୃତ। ଏଥିରେ କେବଳ କଥାବାର୍ତ୍ତା ହୋଇପାରିବାର ସୁବିଧା ଥିଲା। ୨-ଜି : ସେକେଣ୍ଡ ଜେନେରେସନ - ୨-ଜି ମୋବାଇଲ ସେବାରେ କଥାବାର୍ତ୍ତା, ମେସେଜ୍ ତଥା ସୀମିତ ଡାଟା ପଠାଇବାର ସୁବିଧା ଉପଲବ୍ଧ। ୧୯୯୦ ଆଡ଼କୁ ଏହା ଆରମ୍ଭ ହୋଇଥିଲା। ଏଥିରେ ଡାଟା ପ୍ରେରଣର ବେଗ ବହୁତ କମ୍ ରହୁଥିଲା।

୩-ଜି : ଥାର୍ଡ୍ ଜେନେରେସନ- ୩ଜି ମାଧ୍ୟମରେ ଇଣ୍ଟରନେଟ ସ୍ପିଡ ବଢ଼ିବା ସହିତ ଡାଟା ଡାଉନଲୋଡ଼ କରିବା ସୁବିଧାଜନକ ହେଲା। ଏହି ପିଢ଼ିର ଫୋନରେ ଏଚ୍.ଏସ୍.ପିଏ (ହାଇସ୍ପିଡ୍ ପ୍ୟାକେଟ ଆସେସ୍) ଟେକ୍ନୋଲୋଜି ଦ୍ୱାରା ଡାଉନଲିଙ୍କ ସ୍ପିଡ ୧୪.୪ ଏମ୍‌ବିପିଏସ୍ (ମେଗା ବାଇଟ ପାର ସେକେଣ୍ଡ) ଏବଂ ଅପିଲିଙ୍କ ସ୍ପିଡ ୫.୬୭ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିଲା। ୪-ଜି : ଫୋର୍ଥ ଜେନେରେସନ ଏଥିରେ ଏଲ୍‌ଟିଭ (ଲଙ୍ଗ ଟର୍ମ ଇଭୋଲ୍ୟୁସନ) ଟେକ୍ନୋଲୋଜି ବ୍ୟବହୃତ। ୪-ଜିରେ ୩-ଜି ଅପେକ୍ଷା ଇଣ୍ଟରନେଟ ସ୍ପିଡ ବହୁଗୁଣିତ ହେଲା। ଏପରିକି ଡାଉନ୍ ଲିଙ୍କ ସ୍ପିଡ୍ ୩୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବଢ଼ିଗଲା। ୫-ଜି : ଫିଫ୍‌ଥ ଜେନେରେସନ ୫-ଜି ମୋବାଇଲ ଫୋନ୍‌ର ବ୍ୟବହାର ଏ ପର୍ଯ୍ୟନ୍ତ ଭାରତରେ ଆରମ୍ଭ ହୋଇନାହିଁ। ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ରିଲାଏନ୍ସ ଜିଓ କମ୍ପାନୀ କହିଛି ଯେ ସରକାର ସ୍ପେକ୍ଟ୍ରମ ଯୋଗାଇ ଦେଲା ମାତ୍ରକେ ୫-ଜି ସେବା ଆରମ୍ଭ କରିବ। ଏଥିପାଇଁ କମ୍ପାନୀ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ କରି ରଖିଛି। ଏଥିରେ ନିଉ ରେଡ଼ିଓ ଏନ୍‌ଆର ଟେକ୍ନୋଲୋଜିର ଉପଯୋଗ କରାଯାଇଥାଏ। ହାଇସ୍ପିଡ୍ ମୋବାଇଲ ନେଟୱାର୍କ ସହିତ ଏଥିରେ ବହୁବିଧ ସୁବିଧା ଥିବାର ଜଣାପଡ଼ିଛି। ଏଥିରେ ଡାଉନଲୋଡିଂ ସ୍ପିଡ ସେକେଣ୍ଡ ପ୍ରତି ୧୦ଜିବି ପର୍ଯ୍ୟନ୍ତ ରହିପାରିବ। ୫-ଜି ମୋବାଇଲ ଦ୍ୱାରା ଗଣମାଧ୍ୟମ, ଆର୍ଥିକ ସେବା, ବାଣିଜ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା, କୃଷି, ସ୍ମାର୍ଟ ଶିଳ୍ପ ଓ ସ୍ମାର୍ଟ ସିଟି ଆଦିର କାର୍ଯ୍ୟ ଅତ୍ୟନ୍ତ ସହଜ ହୋଇପାରିବ। ଦକ୍ଷିଣ କୋରିଆରେ ଏପ୍ରିଲ ୨୦୧୯ରେ ୫-ଜି ମୋବାଇଲ ନେଟୱାର୍କ ଆରମ୍ଭ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ ବିଏସଏନଏଲ ଅନ୍ୟ ଘରୋଇ ମୋବାଇଲ କମ୍ପାନୀ ଅପେକ୍ଷା ବିଶ୍ୱସ୍ତ, ନିର୍ଭରଯୋଗ୍ୟ ଓ ତତ୍କାଳ ସେବା ଦେଉଥିବା କମ୍ପାନୀ ଦିନକୁ ଦିନ ଲୋକମାନଙ୍କ ଭିତରେ ବିଏସଏନଏଲ ପ୍ରତି ଆଦର ଓ ଗ୍ରହଣୀୟତା ବଢୁଛି। ଖୁସିର କଥା ଲ୍ୟାଣ୍ଡ ଲାଇନ ସେବା ପାଇଁ ଲୋକମାନେ ବିଏସଏନଏଲକୁ ପ୍ରାଥମିକତା ଦେଉଛନ୍ତି। କେନ୍ଦ୍ର ସରକାରଙ୍କ 'ସବକ୍ ସାଥ, ସବ୍‌କା ବିକାଶ'ର ନାରାକୁ ବିଏସଏନଏଲ ପ୍ରାଥମିକତା ଦେଇ ଏହାର ସେବାକୁ ଆଗେଇ ନେଉଛି। ସମସ୍ତଙ୍କ ସହିତ ଆଜି ବିଏସଏନଏଲ ସାଥି ହୋଇ ସମସ୍ତଙ୍କ ବିକାଶକୁ ତ୍ୱରାନ୍ୱିତ କରୁଛି। ୨୦୧୯-୨୦ର ଅର୍ଥନୈତିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଦେଶରେ ୯୧.୯% ଲୋକ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ତାହା ୭୯.୫୮%ରେ ସୀମିତ ରହିଛି। ଆଜିକା ସମୟରେ ମୋବାଇଲ ଫୋନ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା ପାଲଟି ଯାଇଛି।

**ବିଷ୍ଣୁରଞ୍ଜନ ପାଣିଗ୍ରାହୀ (ଆଇଟିଏସ୍)**
*ପ୍ରବନ୍ଧକ, ଦୂରସଞ୍ଚାର ଭବନ,*
*ଦୂରଭାଷ: ୯୪୩୭୦୫୧୦୮୮*

# ନୀରବଘାତକ: ଉଚ୍ଚ ରକ୍ତଚାପ



ଭାରତରେ ବୃଦ୍ଧି ପାଉଛି ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା। ପରିବର୍ତ୍ତନଶୀଳ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତଥ୍ୟ ଅନୁଯାୟୀ ୨୦୨୫ ବେଳକୁ ଭାରତରେ ଏକ ତୃତୀୟାଂଶ ଲୋକ ଉଚ୍ଚ ରକ୍ତଚାପର ଶିକାର ହେବେ। ୨୦୨୦ରେ ହୋଇଥିବା ଏକ ଗଣନାରୁ ଜଣାପଡ଼ିଛି ସହରାଞ୍ଚଳରେ ୨୦ରୁ ୪୦ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଥିବାବେଳେ ଗ୍ରାମାଞ୍ଚଳରେ ୧୨ରୁ ୧୭ ପ୍ରତିଶତ ଲୋକ ଉଚ୍ଚ ରକ୍ତଚାପର ଶିକାର ହୋଇଛନ୍ତି। ଭାରତରେ ବର୍ଷକୁ ପ୍ରାୟ ୧.୫ ମିଲିୟନ ଲୋକ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ବିଶ୍ୱରେ ବର୍ଷକୁ ୧୨.୮ ପ୍ରତିଶତ ଲୋକ ବିଭିନ୍ନ କାରଣରୁ ମୃତ୍ୟୁ ମୁଖରେ ପଡୁଥିବାବେଳେ ୭.୫ ମିଲିୟନ ଲୋକ କେବଳ ଉଚ୍ଚ ରକ୍ତଚାପ ଯୋଗୁଁ ମୃତ୍ୟୁ ମୁଖରେ ପଡ଼ିଥାନ୍ତି। ସାଧାରଣତଃ ଉଚ୍ଚ ରକ୍ତଚାପ ବ୍ୟକ୍ତିଙ୍କୁ ୪୦ ବର୍ଷ ଟପିଲା ପରେ ଦେଖାଯାଏ। ହେଲେ ଆଜିକାଲି ୨୦-୩୦ ବର୍ଷ ବୟସର ବ୍ୟକ୍ତି ବିଶେଷ କରି କଲେଜ ଛାତ୍ରମାନଙ୍କଠାରେ ଦେଖାଯାଉଛି। ଏଭଳି ଉଚ୍ଚ ରକ୍ତଚାପ ଜନିତ ରୋଗୀଙ୍କ ସଂଖ୍ୟା ବଢ଼ିବାର କାରଣ କ'ଣ ହୋଇପାରେ...ପ୍ରମୁଖ କାରଣ ହେଉଛି। ବ୍ୟସ୍ତବହୁଳ ଜୀବନଶୈଳୀ ଯୋଗୁଁ ବ୍ୟକ୍ତି ସର୍ବଦା ଫାଷ୍ଟଫୁଡ୍, ଜଙ୍କଫୁଡ଼ ଓ ବାହାରେ ତିଆରି ହେଉଥିବା ତେଲ ମସଲା ଖାଦ୍ୟ ଖାଉଛି। ଯାହାକି ଉଚ୍ଚ ରକ୍ତଚାପ ବୃଦ୍ଧିର ମୁଖ୍ୟ କାରଣ। ଏହାଦ୍ୱାରା ରକ୍ତବାହୀ ନଳୀରେ କୋଲେଷ୍ଟେରଲ ବୃଦ୍ଧି ହୋଇ ନଳୀ ପଥକୁ ସରୁ କରିଦେଉଛି। ଫଳରେ ଉଚ୍ଚରକ୍ତ ଚାପ ସମସ୍ୟା ବୃଦ୍ଧି ପାଉଛି। ଆଜିକାଲିର ଲୋକମାନେ ଶାରୀରିକ ପରିଶ୍ରମ ବ୍ୟତୀତ ମାନସିକ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି। ଅଧିକ ଟଙ୍କା ଲୋଭ ହିଁ ବ୍ୟକ୍ତିଙ୍କୁ ଶାରୀରିକ ପରିଶ୍ରମ ଠାରୁ ଦୂରେଇ ରଖୁଛି। ସମୟ ଅଭାବରୁ ମଧ୍ୟ ବ୍ୟକ୍ତି ବ୍ୟାୟାମ କରୁନି। ଏହାଦ୍ୱାରା ଶରୀରରେ ମେଦଜମା ହେଉଛି। ଯାହାକି ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ। ଉଚ୍ଚ ରକ୍ତଚାପର ମୁଖ୍ୟ କାରଣ ହେଉଛି ଲୁଣ। ଆଡ଼େଡ୍ ଲୁଣ ଅର୍ଥାତ୍ ଖାଦ୍ୟ ପ୍ରସ୍ତୁତ ଅଧିକ ଲୁଣ ଛିଞ୍ଚି ଖାଇବା ହିଁ ରକ୍ତଚାପ ବୃଦ୍ଧି ହୋଇଥାଏ। ଏଣୁ ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଜଣେ ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଇବା ଦରକାର। ଉଚ୍ଚ ରକ୍ତଚାପ ବୃଦ୍ଧି ପାଇଁ ଚିନ୍ତା ହେଉଛି ଅନ୍ୟତମ ଏକ ମୁଖ୍ୟ କାରଣ। ଆବଶ୍ୟକତା ଠାରୁ ଅଧିକ କାମ କରିବାର ନିଶା, ଅଧିକ ଧନ ଅର୍ଜନ କରିବାର ପ୍ରୟାସ ହିଁ ମଣିଷକୁ ଚିନ୍ତାରେ ପକାଉଛି। ଚିନ୍ତାରେ ରହିବା ଯୋଗୁଁ ବ୍ୟକ୍ତିଠାରେ ଉଚ୍ଚ ରକ୍ତଚାପ ବୃଦ୍ଧି ପାଏ। ସେହିପରି ଯୁବପିଢ଼ି ତମାଖୁ ତଥା ଗୁଟୁଖା, ବିଡ଼ି, ସିଗାରେଟ ଆଦି ଓ ଆଲ୍‌କୋହଲ୍‌ଯୁକ୍ତ ପାନୀୟ ଗ୍ରହଣ କରିବା ଯୋଗୁଁ ଶୀରା ପ୍ରଶୀରା ଦୁର୍ବଳ ହୋଇଯାଉଛି। ଏହାଦ୍ୱାରା ରକ୍ତ ଠିକ୍ ଭାବରେ ସଞ୍ଚାଳନ





ହୋଇପାରେ ନାହିଁ। ଫଳରେ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଉଛି। ଅନ୍ୟ ଏକ କାରଣ ହେଉଛି, ହର୍ମୋନରେ ଅସନ୍ତୁଳନ ଦେଖାଦେଲେ ମଧ୍ୟ ଉଚ୍ଚ ରକ୍ତଚାପ ବୃଦ୍ଧି ହୋଇଥାଏ। ବେଳେବେଳେ ବୟସ୍କମାନଙ୍କ କ୍ଷେତ୍ରରେ ହର୍ମୋନର ଅନିୟମିତତା। ମହିଳା ମାନଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବଟିକା ଓ ପେନ୍ କିଲର ଖାଇବା ଦ୍ୱାରା ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଏହି ବଟିକା ଖାଇବା ଦ୍ୱାରା ରକ୍ତ ଜମାଟ ବାନ୍ଧେ। ଏହାଦ୍ୱାରା ରକ୍ତ ସଞ୍ଚାଳନ ସୁଚାରୁ ରୂପେ ନ ହୋଇପାରିବା ଯୋଗୁଁ ମଧ୍ୟ ଉଚ୍ଚ ରକ୍ତଚାପ ସମସ୍ୟା ଦେଖାଯାଏ। ଅନେକ ହୁଏତ ଜାଣିନଥିବେ ଗାଢ଼ ନିଦ୍ରା ନ ହେଲେ ମଧ୍ୟ ଉଚ୍ଚରକ୍ତଚାପ ଦେଖାଯାଏ। ଦିନକୁ ୮ଘଣ୍ଟା ଗାଢ଼ ନିଦ୍ରାରେ ଶୋଇବା ଦରକାର। ଯଦି ଏଥିରେ ଅନିୟମିତତା ଦେଖାଯାଏ, ବ୍ୟକ୍ତି ଉପଯୁକ୍ତ ମାତ୍ରାରେ ଶୋଇ ନପାରେ, ଚିନ୍ତାରେ ରହେ ଓ ତା'ଠାରେ ଉଚ୍ଚ ରକ୍ତଚାପ ସମସ୍ୟା ବୃଦ୍ଧି ପାଏ। ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହୁଏ। ବ୍ରେନ୍, ହୃତପିଣ୍ଡ, କିଡ୍‌ନୀ ଓ ଆଖି ବିଶେଷ ପ୍ରଭାବିତ ହୋଇଥାଏ। ସମୟ ସମୟରେ ଉଚ୍ଚ ରକ୍ତଚାପ ଜୀବନ ନେଇଥାଏ। ହେଲେ ସବୁ ସମୟରେ ମଣିଷ ଜାଣିପାରେ ନାହିଁ ଯେ ସେ ଉଚ୍ଚ ରକ୍ତଚାପର ଶିକାର ହୋଇଛି। ବିନା ଚିକିତ୍ସାରେ ଏହା ଦୀର୍ଘଦିନ ଧରି ରହିବା ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍, ହୃଦ୍‌ଘାତ, କିଡ୍‌ନୀ ଫେଲ୍ୟୁୟର ଓ ରେଟିନା ଦୁର୍ବଳ ହୋଇଥାଏ। ଏହି ଅଙ୍ଗ ଗୁଡ଼ିକ କିପରି ପ୍ରଭାବିତ ହୁଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ମସ୍ତିଷ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ବୃଦ୍ଧି ଯୋଗୁଁ ଦୁଇ ପ୍ରକାର ବ୍ରେନ୍‌ଷ୍ଟ୍ରୋକ ହୋଇଥାଏ। ଇସଚେମିକ୍ ଷ୍ଟ୍ରୋକ୍ ଓ ହେମୋରେଜିକ୍ ଷ୍ଟ୍ରୋକ୍। ବ୍ରେନକୁ ସଂଯୋଗ ହୋଇଥିବା ରକ୍ତବାହୀ ନଳୀରେ ଜମାଟ ବାନ୍ଧିରେ ବ୍ରେନ୍‌କୁ ରକ୍ତ ସଞ୍ଚାଳନର ଫ୍ଲୋ କମିଯାଏ। ବ୍ରେନ୍‌କୁ ସଂଯୋଗ ରକ୍ତବାହୀ ନଳୀରେ କୋଲେଷ୍ଟରଲର ମାତ୍ରା ବୃଦ୍ଧି ପାଇଲେ ଇସଚେମିକ୍ ଷ୍ଟ୍ରୋକ ହୁଏ। ବ୍ରେନ୍ ଷ୍ଟ୍ରୋକର ପ୍ରାୟ ୮୦ ପ୍ରତିଶତ ଇସଚେମିକ୍ ଷ୍ଟ୍ରୋକ ହୋଇଥାଏ। ରକ୍ତଚାପ ଅତ୍ୟଧିକ ବୃଦ୍ଧି ପାଇଲେ ବ୍ରେନ୍‌କୁ ସଂଯୋଗ ହୋଇଥିବା ନଳୀ ଫାଟିଗଲେ ହେମୋରେଜିକ୍ ଷ୍ଟ୍ରୋକ ହୋଇଥାଏ। ଅନ୍ୟ ଏକ ସମ୍ବେଦନଶୀଳ ଚକ୍ଷୁ ଦେଖିବାରେ ଆଖି ସହ ସଂଯୋଗ ରେଟିନା ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଯୋଗୁଁ ରେଟିନା ସହିତ ସଂଯୋଗ ଥିବା ରକ୍ତବାହୀ ନଳୀ ଦୁର୍ବଳ ହୋଇଯାଏ। ଏହାଦ୍ୱାରା ରେଟିନାକୁ ଉତ୍ତମ ଭାବେ ରକ୍ତ ସଞ୍ଚାଳନ ହୋଇପାରେ ନାହିଁ। ଫଳରେ ଦୃଷ୍ଟିଶକ୍ତି ହ୍ରାସ ପାଏ। ବ୍ୟକ୍ତିଙ୍କୁ ଝାପ୍‌ସା ଝାପ୍‌ସା ଦେଖାଯାଏ। ସେହିପରି କିଡ଼ନୀ କ୍ଷେତ୍ରକୁ ଦେଖିଲେ, ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ଲାଗି ରହିଲେ କିଡ଼୍‌ନୀ ପ୍ରଭାବିତ ହୋଇଥାଏ। କିଡ୍‌ନୀ ରକ୍ତକୁ ଛାଣି ପରିଷ୍କାର କରିଥାଏ। ଆମ ଶରୀରରୁ ଅପରିଷ୍କାର ଦ୍ରବ୍ୟ ବାହାରକୁ ବାହାର କରିଥାଏ। ହେଲେ ଉଚ୍ଚ ରକ୍ତଚାପ ଯୋଗୁଁ ଅଧିକ ରକ୍ତ କିଡ୍‌ନୀକୁ ପ୍ରଭାବିତ ହୋଇଥାଏ, ଏହାଦ୍ୱାରା କିଡ୍‌ନୀ ଉପରେ ଚାପ ପଡ଼େ। ଯାହାଦ୍ୱାରା କିଡ୍‌ନୀ ଦୁର୍ବଳ ହୋଇଯାଏ। ଦୀର୍ଘଦିନ ଧରି ଉଚ୍ଚ ରକ୍ତଚାପ ରହିଲେ କିଡ୍‌ନୀ ଅକାମୀ ହୋଇଥାଏ। ଶରୀରର ଅତ୍ୟନ୍ତ ଅପରିହାର୍ଯ୍ୟ ହୃତ୍‌ପିଣ୍ଡ, ଉଚ୍ଚ ରକ୍ତଚାପର ବିଶେଷ ପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼େ। ରକ୍ତଚାପ ଉଚ୍ଚ ହେଲେ ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ। ଅଧିକ ସ୍ପନ୍ଦନ ଯୋଗୁଁ ହୃତ୍‌ପିଣ୍ଡର ମାଂସପେଶୀ ଦୁର୍ବଳ ହୋଯାଏ। ରକ୍ତଚାପ ବଢ଼ିବା ପରେ ରକ୍ତବାହୀ ନଳୀ ସରୁ ହୋଯାଏ। ଫଳରେ ହୃତ୍‌ପିଣ୍ଡକୁ ରକ୍ତ ସ୍ରୋତ କମିଯାଏ କିମ୍ବା ବନ୍ଦ ହୋଇଯାଏ। ଏହାଦ୍ୱାରା ହୃଦ୍‌ଘାତ ହୁଏ। ଉଚ୍ଚ ରକ୍ତଚାପର ନିରାକରଣ ପାଇଁ ପ୍ରଥମେ ଖାଦ୍ୟ ପେୟରେ ନିୟନ୍ତ୍ରଣ ରହିବା ଦରକାର। ଯେତେ ସମ୍ଭବ ଲୁଣ କମ୍ ଖାଇବା ଦରକାର। ଦିନକୁ ମାତ୍ର ୫ଗ୍ରାମ ଲୁଣ ଖାଆନ୍ତୁ। ଏହାଠାରୁ ଅଧିକ ଖାଇଲେ ଅସୁବିଧା। ତେଲମସଲା, ଫାଷ୍ଟଫୁଡ ଓ ଜଙ୍କଫୁଡ୍ ପରି ଖାଦ୍ୟ ଠାରୁ ଦୂରେଇ ରହନ୍ତୁ। ସବୁଜ ପନିପରିବା ଓ ତଟକା ଖାଦ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଆଜିକାଲି ପରିବର୍ତ୍ତନ ଜୀବନଶୈଳୀ ଯୋଗୁଁ ବର୍ତ୍ତମାନ ୪୦ ବର୍ଷ ପୂର୍ବରୁ ଉଚ୍ଚରକ୍ତଚାପ ସମସ୍ୟା ଦେଖାଯାଉଛି। ଏଣୁ ୩୫-୪୦ ବର୍ଷ ପରେ ସମସ୍ତେ ବର୍ଷକୁ ଥରେ ରକ୍ତଚାପ ପରୀକ୍ଷା କରିବା ଏକାନ୍ତ ଆବଶ୍ୟକ। ଉଚ୍ଚ ରକ୍ତଚାପ ହୋଇଥିଲେ, ତାହା ହଠାତ୍ ଜଣାପଡ଼େ ନାହିଁ। ବଂଶରେ କାହାର ଉଚ୍ଚ ରକ୍ତଚାପ ଥିଲେ, ଡାଇବେଟିସ କିମ୍ବା ବ୍ରେନ୍ ଷ୍ଟ୍ରୋକ ହୋଇଥିଲେ ୬ମାସରେ ଥରେ ରକ୍ତଚାପ ପରୀକ୍ଷା କରିବା ଦରକାର। ଏଥିପ୍ରତି ଅଧିକ ସଚେତନ ହେବା ଉଚିତ। ପ୍ରତିଦିନ ବ୍ୟାୟାମ ଓ ଯୋଗ କରନ୍ତୁ। ଏହାଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ରହିବା ସହ ମେଦବୃଦ୍ଧି ହୁଏନାହିଁ କି ଉଚ୍ଚରକ୍ତ ଚାପର ସମସ୍ୟା ମଧ୍ୟ ଦେଖାଯିବନାହିଁ। ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ। ବିଶେଷ କରି ଧୂମପାନ ଠାରୁ ଦୂରେଇ ରହିବା ଦରକାର। କାରଣ ଏହା ଶୀରାପ୍ରଶୀରାକୁ ସଙ୍କୁଚିତ କରିଦିଏ। ଯାହାଦ୍ୱାରା ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିଯାଏ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ନିୟମିତ ଭାବରେ ଔଷଧ ଖାଇବା ଦରକାର। ତେବେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଦିନେ ବି ବନ୍ଦ କରିବା ଉଚିତ ନୁହେଁ। ବି.ପି. ମେଡ଼ିସିନ ଗୋଟିଏ ଦିନ ବନ୍ଦ ହେଲେ ବି ବ୍ରେନ୍ ଷ୍ଟ୍ରୋକ, ହୃଦ୍‌ଘାତ ହେବାର ଆଶଙ୍କା ବଢ଼ିଯାଏ। ଏଣୁ ରୋଗୀ ଭୁଲରେ ବି ଔଷଧ ବନ୍ଦ କରିବା ଉଚିତ ନୁହେଁ। ଚିନ୍ତା, ଅତ୍ୟଧିକ କାମ ଠାରୁ ଦୂରରେ ରହି ଉପଯୁକ୍ତ ପରିମାଣ ତଥା ୬-୮ ଘଣ୍ଟା ଗାଢ଼ ନିଦ୍ରାରେ ଶୁଅନ୍ତୁ। ଉଚ୍ଚ ରକ୍ତଚାପର ଶିକାର ହୋଇଥିବା ବ୍ୟକ୍ତି ୨-୩ ମାସରେ ନିୟମିତ ଭାବରେ ଡାକ୍ତରଙ୍କ ପରାମର୍ଶ ନେବା ଦରକାର। କାରଣ ଔଷଧର ଡୋଜ୍ ପରିବର୍ତ୍ତନ କରିବାକୁ ପଡ଼ିପାରେ। ସର୍ବପ୍ରଥମେ ନିଜକୁ ଶାନ୍ତ ରଖିବା ସହ ବାହ୍ୟଚାପରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରନ୍ତୁ। ସୁଷମ ଖାଦ୍ୟ, ଯୋଗ ପ୍ରାଣାୟମ ଖୁବ୍ ଭଲ। ସତ୍‌ଚିନ୍ତା ଓ ଆଧ୍ୟାତ୍ମିକ ସ୍ୱାଧ୍ୟାୟ ଅମୃତ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତ ନିଶାଦ୍ରବ୍ୟ ଠାରୁ ଦୂରେଇ ରହନ୍ତୁ, ଉପଯୁକ୍ତ ବିଶ୍ରାମ ନିଅନ୍ତୁ ଓ ଆଧ୍ୟାତ୍ମିକ ଜୀବନ ପାଇଁ ସର୍ବଦା ନିଜକୁ ବ୍ୟସ୍ତ ରଖନ୍ତୁ ଦେଖିବେ ଉଚ୍ଚରକ୍ତଚାପ ଆପଣଙ୍କ ପାଇଁ ବିପଦପୂର୍ଣ୍ଣ ହେବନାହିଁ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

## ସାହିତ୍ୟିକ, ସମାଜସେବୀ ପ୍ରମୋଦ ସାହୁଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଖୋର୍ଦ୍ଧା (ପିଏନ୍): ଏକାଧାରରେ ସେ ଥିଲେ ସାହିତ୍ୟିକ, ସମାଜସେବୀ, ଶିକ୍ଷାବିତ୍, ପରିବେଶବିତ୍। ପେଶା ଥିଲା ବ୍ୟାଂକ ଅଧିକାରୀ, କିନ୍ତୁ ନିଶା ଥିଲା ସମାଜସେବା। ବହୁମୁଖୀ ବ୍ୟକ୍ତିତ୍ୱ ପ୍ରମୋଦ କୁମାର ସାହୁଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ ଉପସ୍ଥିତ ପ୍ରମୋଦପ୍ରେମୀମାନେ ଏହିଭଳି ଭାବେ ସ୍ୱର୍ଗତଃ ସାହୁଙ୍କୁ ମନେପକାଇଛନ୍ତି। ପ୍ରମୋଦ କୁମାର ସାହୁ ସ୍ମୃତି ପରିଷଦର ଅଧ୍ୟକ୍ଷ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ମୁକୁନ୍ଦପ୍ରସାଦ ପ୍ରଫୁଲ୍ଲ ପ୍ୟାଲେସ୍ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସ୍ୱର୍ଗତଃ ସାହୁ ବହୁମୁଖୀ ପ୍ରତିଭାର ଅଧିକାରୀ ହେବା ସହ ନିଜକୁ ସାରସ୍ୱତ ସାଧନା, ସମାଜସେବା, ଶିକ୍ଷାଦାନରେ ନିୟୋଜିତ ରଖିଥିଲେ। ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସର୍ଭ, ଯୁବ ଭାରତୀ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୟାରିଅର ଗାଇଡାନ୍ସ, ସାହିତ୍ୟ ଅନୁଷ୍ଠାନ ବ୍ରେନ୍ ବଡ୍ ଆଦି ବିଭିନ୍ନ ଅନୁଷ୍ଠାନ ସେ ପ୍ରତିଷ୍ଠା କରିଥିଲେ। ଖୋର୍ଧା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି, ଖୋର୍ଦ୍ଧା ରୋଟାରୀ କ୍ଲବ, ଜଟଣୀ ପୁସ୍ତକମେଳାର ମୁଖ୍ୟ ପୃଷ୍ଠପୋଷକ ଭାବେ ସେ ସମସ୍ତଙ୍କର ପ୍ରିୟ ଥିଲେ ବୋଲି ବିଧାୟକ ଶ୍ରୀ ମିତ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ, ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ନିରଂଜନ ସାହୁ କହିଥିଲେ ଯେ, ପ୍ରମୋଦ ବାବୁ ଜଣେ ଆପଣାର ମଣିଷ ଥିଲେ। ସମସ୍ତଙ୍କୁ ଆତିଥେୟ ପ୍ରଦାନ କରି ସ୍ନେହ, ମମତାରେ ବାନ୍ଧି ରଖୁଥିଲେ। ଅନ୍ୟତମ ଅତିଥି ଓସେପାର ରାଜ୍ୟପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ସାମ୍ବାଦିକ ତଥା ପ୍ରକାଶକ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ଗୁଣାବଳି ସଂପର୍କରେ ବକ୍ତବ୍ୟ ରଖି ତାଂକୁ ଜଣେ ପରିପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ସ୍ୱର୍ଗତଃ ସାହୁଙ୍କୁ ବିଶ୍ୱଭ୍ରାତୃତ୍ୱର ନିଆରା ମଣିଷ ଭାବେ ଅଭିହିତ କରିଥିଲେ। ସେ ନିଜର ସୃଜନଶକ୍ତି ଓ ଆତ୍ମୀୟତା ବଳରେ ବିଶ୍ୱର ବିଭିନ୍ନ ଦେଶର ସାହିତ୍ୟିକମାନଙ୍କୁ ଏକତ୍ରିତ କରି ୱାର୍ଲଡ ପୋଏଟ୍ରି କନଫରେନ୍ସ କରିଥିଲେ। ଏହି ଅବସରରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'ପ୍ରମୋଦ ପ୍ରଦୀପ' ଏବଂ ତାଙ୍କ ଲିଖିତ ଦୁଇଟି କବିତା ସଂକଳନ 'ରିଫଲଜେଂଟ୍ ଡ୍ରିମସ୍' ଓ 'ହାଟ ସାରି ଫେରୁଥିବା ବାଟୋଇ' ଲୋକାର୍ପିତ ହୋଇଥିଲା। ବିଶିଷ୍ଟ ସାହିତ୍ୟିକ ତଥା ସମାଜସେବୀ ଭାଗିରଥୀ ସାହୁଙ୍କୁ ସ୍ୱର୍ଗତଃ ପ୍ରମୋଦ କୁମାର ସାହୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଛତ୍ରପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ କୁମାରୀ ଲିଜା ସୁନ୍ଦରାୟଙ୍କୁ ସମ୍ମାନିତ କରାଯିବା ସହ ୧୦ ହଜାର ଟଂକାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ସ୍ୱର୍ଗତଃ ସାହୁଙ୍କ କନିଷ୍ଠ ଭ୍ରାତା ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ବଂଧୁ ସନ୍ନ୍ୟାସୀ ପ୍ରଧାନ, ଡ. ରବୀନ୍ଦ୍ର କୁମାର ଚୌଧୁରୀ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଦିବାକର ମୁଦୁଲି, ଶକ୍ତିଧର ମହାପାତ୍ର, ଆଶିଷ କୁମାର ଜେନା, କିଶୋର ଚନ୍ଦ୍ର ପରମଗୁରୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ସ୍ୱର୍ଗତଃ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଐତିହାସିକ ସତ୍ୟବାଦୀ ବଳିଆରସିଂହ ନିଜ ସଭାପତି ଅଭିଭାଷଣରେ ତାଙ୍କର ପ୍ରିୟ ଛାତ୍ର ସ୍ୱର୍ଗତଃ ସାହୁଙ୍କୁ ଜଣେ ହୀରା ଭାବେ ବର୍ଣ୍ଣନା କରିଥିଲେ। ରଣପୁର ରାଜାଙ୍କ ଦରବାରର ଖ୍ୟାତନାମା ସଂଗୀତଜ୍ଞ ଲୋକନାଥ ସାହୁଙ୍କ ନାତି ତଥା ଆଦର୍ଶ ଶିକ୍ଷକ କୁଳମଣି ସାହୁଙ୍କ ପୁତ୍ର ସ୍ୱର୍ଗତଃ ପ୍ରମୋଦ ସାହୁ ବୋଲଗଡ଼ ବ୍ଲକ୍ ଦେଉଳି ଗ୍ରାମରେ ୧୯୫୬ ମସିହା ଏପ୍ରିଲ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଗଡ଼ବାଣୀକିଲୋ ଉଚ୍ଚବିଦ୍ୟାଳୟରେ ସେ ଜଣେ ମେଧାବୀ ଛାତ୍ର ଭାବେ ପରିଚିତ ଥିଲେ। ଅର୍ଥନୀତିରେ ଏମ୍‌ଏ କରିବା ପରେ ସେ ବାରଙ୍ଗ କୁଂଜବିହାରୀ କଲେଜରେ ଅଧ୍ୟାପନା କରିଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଂକ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ଭାବେ ଯୋଗଦେଇଥିଲେ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ସେ ପ୍ରାଂଜଳଭାବେ ଲେଖିପାରୁଥିଲେ ଓ କହିପାରୁଥିଲେ। ତାଂକର ଲେଖା ରିଡର୍ସ ଡାଇଜେଷ୍ଟ, ଭବନସ ଜର୍ନାଲ ଭଳି ପତ୍ରିକାରେ ପ୍ରକାଶ ପାଉଥିଲା। ଷ୍ଟ୍ରିକ୍ ଅଫ୍ ହାର୍ଟ୍, ବ୍ରେନ ବଡ୍, ଇଟରନାଲ ଫ୍ଲେମ୍ ଆଦି ପୁସ୍ତକ ସେ ଲେଖିଥିଲେ। ଏହି ସ୍ମୃତିଚାରଣ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱର୍ଗତଃ ସାହୁଙ୍କ ଧର୍ମପତ୍ନୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରାବ୍ଧି ତନୟା ସାହୁ, କନିଷ୍ଠ ପୁତ୍ର ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟେଷ୍ଠପୁତ୍ର ସଫ୍ଟୱୟାର ବିଶେଷଜ୍ଞ ପ୍ରୀତିପ୍ରଭ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧିକୁ ରାଜ୍ୟ ଏଚ୍‌ଏମ୍‌ଏସ୍‌ର ସ୍ୱାଗତ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧି ହୋଇଛି। କେନ୍ଦୁପତ୍ର କେରି ୧.୨୦ରୁ ୧.୪୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିଯୋଗୁଁ ୭.୫୦ ଲକ୍ଷ ତୋଳାଳି ୨୪୦ କୋଟି ଟଙ୍କାର ଅଧିକ ରୋଜଗାର ପାଇବେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜନଜାତିର ମହିଳା ଅଟନ୍ତି। ଏହାସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବୋନସ ଓ ବିଭିନ୍ନ ଭ□ା ବାବଦରେ ମଧ୍ୟ ୧୨୦ କୋଟି ଟଙ୍କା ମଂଜୁର କରାଯାଇଛି। ଏହାଦ୍ୱାରା ୮ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ଅନ୍ୟାନ୍ୟ କର୍ମଚାରୀ ଉପକୃତ ହୋଇପାରିବେ। କେନ୍ଦୁପତ୍ର ବ୍ୟବସାୟର ସମସ୍ତ ଲାଭ କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ବ୍ୟବହୃତ ହେଉଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଓ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ରାଜ୍ୟ ଉପସଭାପତି ରବି ରଥ ଏଭଳି ନିଷ୍ପ□ିକୁ ସ୍ୱାଗତ କରିଛନ୍ତି। ସଂଗଠନ ପକ୍ଷରୁ ଏକ ମିଳିତ ବିବୃ□ିରେ ୫ ବର୍ଷ ହେଲା କେନ୍ଦୁପତ୍ର କର୍ମଚାରୀଙ୍କ ସନ୍ତାନଙ୍କୁ ବୃ□ି, କନ୍ୟା ବିବାହ ସହାୟତା ବ୍ୟବସ୍ଥା ବନ୍ଦ ହୋଇପଡ଼ିଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ସଂଗ୍ରହର ମୂଲ୍ୟ ବୃଦ୍ଧି ସହ ସାମାଜିକ ସୁରକ୍ଷା ସହାୟତା ପାଇଁ ଯୋଗ୍ୟତାର ମାପଦଣ୍ଡକୁ ୨ ହଜାର ବଦଳରେ ୧ ହଜାର କେରିପତ୍ର ରଖାଯିବାକୁ ସଂଘ ସ୍ୱାଗତ କରିଛି। ସୂଚନା ଅନୁଯାୟୀ, ରାଜ୍ୟର ସମୁଦାୟ ୨୫ଟି ଜିଲ୍ଲାର ପ୍ରାୟ ୧୨ ଲକ୍ଷ ତୋଳାଳି ଅଛନ୍ତି। ୨୦୨୧ ମସିହାରେ ୧ ଲକ୍ଷ ୯୩ ହଜାର ୬୦୦ କ୍ୱିଣ୍ଟାଲ କେନ୍ଦୁପତ୍ର ପାଇଁ ୫୨୭ କୋଟି ୫୦ ଲକ୍ଷ ୩୧ ହଜାର ଟଙ୍କା, ୨୦୨୦ ମସିହାରେ ୧ ଲକ୍ଷ ୮୬ ହଜାର ୫୦୦ କ୍ୱିଣ୍ଟାଲ କେନ୍ଦୁପତ୍ର ପାଇଁ ୪୦୮ କୋଟି ୭୨ ଲକ୍ଷ ୧୧ ହଜାର ଟଙ୍କାର ରାଜସ୍ୱ ପାଇଥିଲେ। ଓଡ଼ିଶା ସରକାର ୨୦୧୭ ମସିହା ଜିଏସଟି ବ୍ୟବସ୍ଥା କାଯର୍ୟକାରୀ ପୂର୍ବରୁ ରାଜସ୍ୱ ସଂଗ୍ରହ ଆହୁରି ଅଧିକ ଥିଲା। ସେଥିରୁ ଆବଶ୍ୟକତା ଅନୁସାରେ କେନ୍ଦୁପତ୍ର କର୍ମଚାରୀଙ୍କ ସନ୍ତାନଙ୍କୁ ବୃ□ି, ବିବାହ ସହାୟତା ଦିଆଯାଉଥିଲା ଏଥିଯୋଗୁଁ ଅନେକ ଲାଭାନ୍ୱିତ ହେଉଥିଲେ।

## କୁରାଙ୍ଗଶାସନରେ ଜଳଛତ୍ର ଉଦ୍‌ଘାଟିତ




ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ଅନ୍ତର୍ଗତ କୁରାଙ୍ଗଶାସନଠାରେ ଗ୍ରୀଷ୍ମକାଳୀନ ଜଳ ବିତରଣ କେନ୍ଦ୍ର ବିଧାୟକ ଡା. ପ୍ରମୋଦକୁମାର ମଲିକଙ୍କ ନିର୍ଦ୍ଦେଶମତେ ଆରମ୍ଭ ହୋଇଛି। ସରପଞ୍ଚ ରୋହିଣୀ ଭୋଇ ଏହାକୁ ଉଦ୍‌ଘାଟନ କରିଥିଲାବେଳେ ଜିଲା ବିଜେଡ଼ି ସମ୍ପାଦକ ଅକ୍ଷୟ ମହାନ୍ତି, ବ୍ଲକ ଯୁବ ବିଜେଡ଼ି ସଭାପତି ଶଶିଭୂଷଣ ଦାଶ, ଅରୁଣ ସାହୁ, ବିଶ୍ୱନାଥ ସାହୁ, ରବିନାରାୟଣ ଦାସ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶାରଦାପ୍ରସନ୍ନ ସାହୁ, ରାଜଦର୍ଶନ ବାରିକ, ସୂର୍ଯ୍ୟନାରାୟଣ ସାହୁ, ଅବିନାଶ ସାହୁ, ସୁକାନ୍ତ ସାହୁ, ପ୍ରଶାନ୍ତ ସାହୁ, ମିଳନ ସାହୁ, ଚିନ୍ମୟ ସାହୁ ପ୍ରମୁଖ ଯୁବଗୋଷ୍ଠୀ ପଥଚାରୀଙ୍କୁ ପାନୀୟ ଜଳ ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମେ' ୧୯

# ଶ୍ରୀଜଗନ୍ନାଥଙ୍କ ବୌଦ୍ଧାବତାର



ଜଗନ୍ନାଥ ଏକ ଅବତାର ବୋଲି କୋଉଠି ଲେଖାଯାଇନାହିଁ। ଅନ୍ୟପକ୍ଷରେ ଶ୍ରୀକ୍ଷେତ୍ରର ଦାରୁଦେବତା ହିଁ ଶ୍ରୀଜଗନ୍ନାଥ ଏବଂ ବୁଦ୍ଧ ହିଁ ଶ୍ରୀଜଗନ୍ନାଥ ଅଥବା ଜୈନ ଧର୍ମର ଋଷଭ ବୋଲି କୁହାଯାଏ। ବୁଦ୍ଧଜ୍ଞାନ ସିଦ୍ଧିଗ୍ରନ୍ଥମତେ: ***"ପ୍ରଣିପାତ୍ୟ ଜଗନ୍ନାଥ ସର୍ବଜିନ ବିରାଜିତଂ/ ସର୍ବବୁଦ୍ଧମୟ ସିଦ୍ଧି ବ୍ୟାପିନଂ ଗଗନୋପମ୍ ।।"*** ଜୈନମାନଙ୍କ ପରି ବୌଦ୍ଧମାନେ ବୁଦ୍ଧଙ୍କୁ ଜଗନ୍ନାଥ ବୋଲି ବିଶ୍ୱାସ କରନ୍ତି। ଜୟଦେବ ମଧ୍ୟ ତାଙ୍କ ଗୀତଗୋବିନ୍ଦରେ ଜଗଦୀଶ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି ଘୋଷଣା କରିଛନ୍ତି। ଅବତାରୀ ଜଗନ୍ନାଥଙ୍କ ଦଶାବତାର ମଧ୍ୟରେ ନବମ ଅବତାରହିଁ ବୁଦ୍ଧାବତାର। ଏକଥାକୁ ସୂଚାଇ ଜୟଦେବ ଲେଖିଛନ୍ତି। ***"ନିନ୍ଦସି ଯଜ୍ଞ ବିଧେର ହହ ଶ୍ରୁତି ଜାତଂ/ସଦୟ ହୃଦୟ ଦର୍ଶିତ ପଶୁ ଘାତଂ/ କେଶବ ଧୃତ! ବୁଦ୍ଧ ଶରୀର ଜୟ ଜଗଦୀଶ ହରେ... ।।"*** କପିଳବସ୍ତୁର ରାଜା ଶୁଦ୍ଧୋଦନ ଓ ମାତା ମାୟାଙ୍କଠାରୁ ଜନ୍ମ ନେଇଥିଲେ ଗୌତମ ବୁଦ୍ଧ। ଏହି ଜନ୍ମଦିବସଟି ଖ୍ରୀ.ପୂ. ୫୬୬ ବା ଭିନ୍ନମତେ ୫୬୩। ଏହା ଥିଲା ବୈଶାଖ ପୂର୍ଣ୍ଣିମା। ତାଙ୍କ ଶୈଶବର ନାମ ଥିଲା ସିଦ୍ଧାର୍ଥ। ତାଙ୍କ ଜନ୍ମର ଭବିଷ୍ୟବାଣୀ ନେଇ ଅନେକ



ଅଲୌକିକ କାହାଣୀ ଶୁଣାଯାଏ। ସେହି କାରଣରୁ ସ୍ୱୟଂ ଈଶ୍ୱର ମାୟାଙ୍କ ଗର୍ଭରୁ ଜନ୍ମ ନେଇଛନ୍ତି ବୋଲି ବିଶ୍ୱାସ କରାଯାଉଥିଲା। ତେବେ ଦୁଃଖ ଯେ, ତାଙ୍କ ଜନ୍ମର ମାତ୍ର ୭ ଦିନଠି ତାଙ୍କ ମା'ଙ୍କର ମୃତ୍ୟୁ ହୁଅନ୍ତେ, ତାଙ୍କ ମାଉସୀ ଗୌତମୀ (ପ୍ରଜାପତି) ତାଙ୍କ ଲାଳନପାଳନ ଦାୟିତ୍ୱ ଗ୍ରହଣ କରିଥିବାରୁ ତାଙ୍କ ନାମାନୁସାରେ ତାଙ୍କ ନାମ ରହିଲା ଗୌତମ। ଶୈଶବରୁ ଗୌତମ ଚିନ୍ତାଶୀଳ ଥିଲେ। ଜରାଗ୍ରସ୍ତ ବ୍ୟକ୍ତି, ରୋଗୀ, ଶବ ଓ ସନ୍ୟାସୀମାନଙ୍କୁ ନେଇ ତାଙ୍କ ମନରେ ନାନାପ୍ରଶ୍ନ ଉଠିଛି; ଅର୍ଥାତ୍ ତାଙ୍କୁ କେହି ଏ ନେଇ ସନ୍ତୋଷଜନକ ଉ□ର ଦେଇପାରିନାହାଁନ୍ତି। ଶେଷରେ ୨୯ ବର୍ଷ ବୟସରେ ତାଙ୍କ ପତ୍ନୀ ଯଶୋଧାରା ଓ ଏକମାତ୍ର ସନ୍ତାନ ପୁତ୍ର ରାହୁଳଙ୍କୁ ଛାଡ଼ି ସତ୍ୟର ଅନୁସନ୍ଧାନରେ ଦିନେ ରାତିରେ ବାହାରି ପଡ଼ିଲେ। ଅନେକ ଜାଗା ବୁଲି ପରିଶେଷରେ ନିରଜଂନା ନଦୀକୂଳରେ ଏକ ଅଶ୍ୱତ୍‌ଥ ବୃକ୍ଷମୂଳରେ କଠୋର ତପସ୍ୟା କରି ଜ୍ଞାନ ପ୍ରାପ୍ତ ହେଲେ। ସେବେଠୁ ସେ ନାମିତ ହେଲେ 'ବୁଦ୍ଧ' ଅର୍ଥାତ୍ ଜ୍ଞାନୀ ଭାବରେ। ତାଙ୍କ ଜ୍ଞାନର ମୂଳତ□ ହେଲା: ଜୀବନ ଦୁଃଖପୂର୍ଣ୍ଣ, ଦୁଃଖର କାରଣ କାମନା, କାମନାର ବିନାଶରେ ଦୁଃଖର ବିନାଶ ଏବଂ ଦୁଃଖର ବିନାଶରେ ନିର୍ବାଣ ପ୍ରାପ୍ତି। ଏହା ତାଙ୍କ ଆଧ୍ୟାତ୍ମିକ ଜ୍ଞାନର ସ୍ୱରୂପ ଏବଂ ତାଙ୍କ ପ୍ରଚାରିତ ଧର୍ମର ନାମ ହେଲା ବୌଦ୍ଧଧର୍ମ। ଏହା ସମଗ୍ର ବିଶ୍ୱର ଲୋକପ୍ରିୟ ଧର୍ମ। ତାଙ୍କୁ ମଧ୍ୟ ଏସିଆର ଆଲୋକ ବୋଲି କୁହାଯାଏ। ତେବେ ପ୍ରଶ୍ନଉଠେ ଏ ବୁଦ୍ଧ କ'ଣ ସ୍ୱୟଂ ଜଗନ୍ନାଥ? ସେ କ'ଣ ସତରେ ତାରଣକ□ା? ***"ସଂସାର ଜନକୁ ସେହୁ ତାରିବା ନିମନ୍ତେ/ବଉଦ୍ଧ ରୂପେ ବିଜେ ଅଛି ଜଗନ୍ନାଥ ।।" ସ□ାପର୍ବ : ସାରଳା ମହାଭାରତ।*** ଉତ୍କଳୀୟ ସଂସ୍କୃତି, ସାହିତ୍ୟ ଏବଂ ଧର୍ମଧାରାରେ ଜଗନ୍ନାଥ ବୁଦ୍ଧ ରୂପେ ପ୍ରକଟିତ। ଏ ନେଇ ଅନେକ କିଛି ଐତିହାସିକ ତଥ୍ୟ ଓ କିମ୍ବଦନ୍ତୀ ଅଛି ଯାହାକୁ ବୁଦ୍ଧହିଁ ଜଗନ୍ନାଥ ବୋଲି ସୂଚିତ କରାଏ। ବୌଦ୍ଧଧର୍ମର କିମ୍ବଦନ୍ତୀରୁ ଜଣାଯାଏ ଯେ, ଶ୍ରୀକ୍ଷେତ୍ର ହେଉଛି ତତ୍କାଳୀନ ସମାଜର ଦନ୍ତପୁର। ବୁଦ୍ଧଦେବଙ୍କ ଦନ୍ତ ଉପରେ ଏଠାରେ ଏକ ସ୍ତୁପ ନିର୍ମିତ ହୋଇ ଚତୁଃପାର୍ଶ୍ୱରେ ଧମ୍ମ, ବୁଦ୍ଧ, ସଂଘ ନାମକ ତ୍ରିରତ୍ନ ସମର୍ଜିତ ହୋଇଥିଲେ। ଅଶୋକ (ଖ୍ରୀ.ପୂ. ୨୬୧) ଓ ତାଙ୍କ ପରବ□ୀ ବୌଦ୍ଧ ଶାସକମାନଙ୍କ ଦ୍ୱାରା ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାରରେ ଏକ ସୁଦୃଢ଼ ଭି□ ପ୍ରତିଷ୍ଠିତ ହୋଇ ଜଗନ୍ନାଥଙ୍କ କ୍ଷେତ୍ରରେ ବୁଦ୍ଧଙ୍କର ମୃତାବଶେଷ ପୂଜିତ ହେଉଥିଲା। ଏଇଠି ପରବ□ୀ ସମୟରେ ମନ୍ଦିର ପ୍ରତିଷ୍ଠା ହୋଇ ବୌଦ୍ଧଧର୍ମର ତିରତ୍ନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାରୂପେ ପୂଜା ପାଇଲେ। ପ୍ରତି ବାରବର୍ଷରେ ଥରେ ନବକଳେବର ହୁଏ। ଏହି ସମୟରେ ପୁରୁଣା ବିଗ୍ରହର ନାଭିରେ ଲୁକ୍କାୟିତ ଭାବେ ଥିବା ଅସ୍ପର୍ଶ୍ୟ ବ୍ରହ୍ମକୁ ବସ୍ତ୍ରାବୃତ ହାତରେ ସେବକମାନେ ଆଣି ନୂତନ ବିଗ୍ରହରେ ସ୍ଥାପନ କରନ୍ତି। ଏ ପଦାର୍ଥ ଓ କାହାଣୀ ରହସ୍ୟମୟ ହେଲେ ହେଁ ଏହା ଯେ ବୁଦ୍ଧଙ୍କର ବାମଦନ୍ତ ଏକଥା ଦାଠବଂଶ ଗ୍ରନ୍ଥରୁ ପ୍ରମାଣିତ ହୁଏ। ପ୍ରଥମେ ବୌଦ୍ଧଧର୍ମର ମୂ□ିପୂଜା ନଥିଲା; କିନ୍ତୁ ବୌଦ୍ଧ ମହାଜାନୀମାନେ ବୁଦ୍ଧଙ୍କର ମୂ□ିପୂଜାରେ ମନ ବଳାଇବାରୁ ଏଥିରେ ମୂ□ିପୂଜାର ପ୍ରଚଳନ ହେଲା ଏବଂ ତାଙ୍କଠି ଈଶ୍ୱରତ୍ୱ ଆରୋପ କରାଗଲା। ସୂଚନାଯୋଗ୍ୟ ଯେ, ନିଜେ ବୁଦ୍ଧ ଥିଲେ ନାରୀଶ୍ୱରବାଦୀ, ଅଥଚ ସେ ହେଲେ ଏକ ଅବତାର ଏବଂ ତାଙ୍କ ତ୍ରିରତ୍ନ ପାଲଟିଗଲେ ତ୍ରିମୂ□ି, ଯାହା ମଧ୍ୟରେ ଜଗନ୍ନାଥହିଁ ବୁଦ୍ଧ। ନାମୋ ସସେ ଭଗବତେ ଅର୍ହତେ ବୁଦ୍ଧ: ସମ୍ବୁଦ୍ଧାୟ, ଯାହାର ଭିନ୍ନ ଅର୍ଥ 'ନମୋତସ୍ତେଃ ଭଗବତେ ବାସୁଦେବାୟ।' ଭୌମ ରାଜତ୍ୱ କାଳରେ ବୁଦ୍ଧଙ୍କୁ ବିଷ୍ଣୁ ଅବତାରରୂପେ ଓଡ଼ିଶାରେ ଗ୍ରହଣ କରାଯାଇଥିଲା ଏବଂ ତାଙ୍କରି ସମୟରେ ଦାରୁର ତ୍ରିମୂ□ି ଗଠନ କରାଯାଇଥିଲା। ପୁରୀ ଶ୍ରୀମନ୍ଦିରର ସିଂହଦ୍ୱାରର ଉପର ବନ୍ଧରେ ଥିବା ଦଶାବତାର ଚିତ୍ରରେ ନବମ ଅବତାର ରୂପେ ବୁଦ୍ଧଙ୍କ ସ୍ଥାନରେ ଜଗନ୍ନାଥ ଅଛନ୍ତି। ଅର୍ଥାତ୍ ଜଗନ୍ନାଥହିଁ ବୁଦ୍ଧ।

ବୁଦ୍ଧଦେବଙ୍କ ଜନ୍ମୋତ୍ସବରେ ବୁଦ୍ଧମୂ□ିଙ୍କୁ ରଥର ବସାଇ ରଥଯାତ୍ରା କରାଯାଏ। ଅନ୍ୟପକ୍ଷରେ ବୁଦ୍ଧ ନିଜେ ତାଙ୍କ ଜନ୍ମବୃ□ାନ୍ତରେ ହସ୍ତୀରୂପେ ପ୍ରକଟିତ। ବୋଧହୁଏ ଏଥିପାଇଁ ଜଗନ୍ନାଥଙ୍କର ବର୍ଷକେ ଥରେ ରଥଯାତ୍ରା ହୁଏ ଏବଂ ସ୍ନାନପୂର୍ଣ୍ଣିମାରେ ତାଙ୍କୁ ହସ୍ତୀ ବେଶ କରାଯାଏ। ଜଗନ୍ନାଥ ଶବର ଜାତିର ଦେବତା। ସେ ହିଁ ବୁଦ୍ଧ। ଶବର ଜାତିରେ ଜାତିଭେଦ ନଥାଏ। ବୋଧହୁଏ ଏହି କାରଣରୁ ଜଗନ୍ନାଥଙ୍କ ମହାପ୍ରସାଦକୁ ବ୍ରାହ୍ମଣ ହସ୍ତରୁ ଚଣ୍ଡାଳ ଛଡ଼ାଇ ଖାଆନ୍ତି। ଅର୍ଥାତ ତାଙ୍କଠି ଜାତି ଭେଦଭାବ ନାହିଁ। ବୌଦ୍ଧଧର୍ମର ସମସ୍ତ ସାରତତ୍ୱ ଜଗନ୍ନାଥ ଧର୍ମରେ ନିହିତ। ଶାନ୍ତି, ମୈତ୍ରୀ, ଦୟା, କରୁଣା, ଚେତନା ଏବଂ ପତିତ ଉଦ୍ଧାରଣ ଇତ୍ୟାଦି ଉଭୟ ଧର୍ମର ମୂଳମନ୍ତ୍ର। ବୌଦ୍ଧଧର୍ମର ନିର୍ବାଣ ଏବଂ ଜଗନ୍ନାଥ ଧର୍ମର ପରମପ୍ରାପ୍ତି ଉଭୟ ସମାନ। ଏଠାରେ ସ୍ମରଣ କରାଇଦେଉ ଯେ, ହିନ୍ଦୁଧର୍ମର ଦେବାଦେବୀ ଆକୃତିଯୁକ୍ତ ଥିବାବେଳେ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଆକୃତିମୁକ୍ତ। ସେମାନେ ପୂର୍ଣ୍ଣାଙ୍ଗ ମଣିଷ କି ପଶୁ ନୁହନ୍ତି! ଏମିତିରେ ରୂପଶୂନ୍ୟ। ମହାଜନପନ୍ଥୀ ବୌଦ୍ଧମାନେ ବୁଦ୍ଧଙ୍କୁ ମହାଶୂନ୍ୟ ଓ ନିରାକାର ବୋଲି ଆଖ୍ୟାୟିତ କରିଛନ୍ତି। କେବଳ ଅରୂପରୁ ରୂପକୁ ଧରି ବୁଦ୍ଧଙ୍କ ମୂ□ିପୂଜା କରନ୍ତି। ଏମିତି ଜଗନ୍ନାଥ! ଏମିତି ଏ ବୁଦ୍ଧ। ବୁଦ୍ଧହିଁ ଜଗନ୍ନାଥ। ଏ କଥାକୁ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି ପଞ୍ଚସଖା ଯୁଗର ଉତ୍କଳୀୟ ବୈଷ୍ଣବମାନେ।

- କଳି ଯୁଗରେ ବିଜେ ନୀଳଗିରି, ବଉଦ୍ଧ ରୂପେ ଶଂଖଚକ୍ରଧାରୀ।। - ଶିଶୁ ଅନନ୍ତ
ଏବେ ବଉଦ୍ଧ ରୂପେ ହରି, ମଉନେ ଅଛ ନୀଳଗିରି। - ଯଶୋବନ୍ତ
ସେ ବୁଦ୍ଧ ସ୍ୱାମୀ ପାଶେ ଆଶ, ଭଣେ ଅଚ୍ୟୁତ ନନ୍ଦ ଦାସ।। - ଅଚ୍ୟୁତାନନ୍ଦ

ବୌଦ୍ଧଧର୍ମ ସୁଦୂରପ୍ରସାରୀ। ଜଗନ୍ନାଥ ସଂସ୍କୃତି ବୌଦ୍ଧ ଧର୍ମ ମହତ୍ୱର ପରମ୍ପରା ରକ୍ଷାକରିଆସିଛି। ଯଦିଚ ବୁଦ୍ଧ ନାରୀଶ୍ୱରବାଦୀ ଥିଲେ, ତାଙ୍କ ଦେବତ୍ୱ ଗୁଣାବଳୀରେ ଏ ମାଟି ତାଙ୍କୁ ଈଶ୍ୱର କରି ବିଷ୍ଣୁଙ୍କର ଦଶାବତାର ମଧ୍ୟରେ ନବମ ଅବତାରରେ ବୁଦ୍ଧ ରୂପେ ପୂଜା କରି ଚାଲିଛି। କେଶ ବଧୃତ ! ବୁଦ୍ଧ ଶରୀର ଜୟ ଜଗଦୀଶ ହରେ... ।।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣ ପ୍ରତିଷ୍ଠାନ:ବିପିନବିହାରୀ ପାଠାଗାର, ବିକାଶ ନଗର ଜଟଣୀ, ଶୂନ୍ୟଭାଷ ୯୯୩୮୩୪୪୧୩୮

# ଓଡ଼ିଶା ସିଂହାସନ ଅକ୍ତିଆର କରି ଚାଲିବେ ନବୀନ ! !

ଶରତ କୁମାର ରାଉତ



ଓଡ଼ିଶାରେ ୨୦୧୯ ବିଧାନସଭା ନିର୍ବାଚନରେ ବିଜେଡ଼ି ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପଂଚମ ଥର ପାଇଁ ଓଡ଼ିଶା ସିଂହାସନ ଅକ୍ତିଆର କରିବା ସ୍ୱାଭାବିକ ଥିଲା। ମାତ୍ର କେତେକ ରାଜନୀତିକ ସମୀକ୍ଷକ ଅନ୍ୟ ମତ ଦେଇଥିଲେ। ଏହି ନିର୍ବାଚନରେ ବିଜେଡ଼ି ୧୧୨ଟି ଆସନ ଅକ୍ତିଆର କରିଥିବାବେଳେ ବିଜେପି ୨୩, କଂଗ୍ରେସ ୯ ଓ ଅନ୍ୟାନ୍ୟ ଦଳ ୨ଟି ଆସନ ହାସଲ କରିଥିଲା। ସେହିପରି ବିଜେଡ଼ି ୧୨ଟି ଲୋକସଭା ଆସନ ଦଖଲ କରିଥିବାବେଳେ ବିଜେପି ୮ ଓ କଂଗ୍ରେସ ୧ଟି ଆସନ ପାଇଥିଲା। ଏହି ନିର୍ବାଚନର ଫଳାଫଳକୁ ଦେଖିଲେ, ବାସ୍ତବିକ ଆଶ୍ଚର୍ଯ୍ୟ ଲାଗେ। କାରଣ ୨୦୧୪ ସାଧାରଣ ନିର୍ବାଚନ ଭଳି ଅଭୂତପୂର୍ବ ଭାବେ ସାରା ଦେଶରେ ମୋଦି ସୁନାମୀରେ ଧରାଶାୟୀ ହୋଇ ମାଟି କାମୁଡ଼ିଥିଲା ଦେଶର ସର୍ବପୁରାତନ ଦଳ କଂଗ୍ରେସ। ସେହିପରି ଓଡ଼ିଶାରେ ଅପ୍ରତ୍ୟାଶିତ ଭାବେ ନବୀନ ପଟ୍ଟନାୟକଙ୍କ ପ୍ରବଳ ଲୋକପ୍ରିୟତାକୁ ସାମ୍ନା କରିପାରି ନଥିଲେ କଂଗ୍ରେସ ଓ ଭାଜପା। ବାସ୍ତବରେ ଏଭଳି ଫଳାଫଳ ରାଜନୀତିକ ପଣ୍ଡିତଙ୍କ କଳ୍ପନାର ବାହାରେ ଥିଲା। ଏଥିରୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ଲୋକେ କ୍ରମେ ସଚେତନ ହେଉଛନ୍ତି। ଭଲ ଭାବରେ ଚିନ୍ତା କରି ଦଳ ଓ ପ୍ରାର୍ଥୀଙ୍କୁ ବାଛୁଛନ୍ତି। ଓଡ଼ିଶା ସଂପର୍କରେ ଏତିକି କୁହାଯାଇପାରେ ଯେ, ରାଜ୍ୟର ବିକାଶ ଧାରା ଓଡ଼ିଶାବାସୀଙ୍କୁ ହୁଏତ ସନ୍ତୁଷ୍ଟ କରୁଛି। ଯେଉଁଥିପାଇଁ ନବୀନଙ୍କ ନେତୃତ୍ୱ ସପକ୍ଷରେ ମିଳି ଚାଲିଛି ଐତିହାସିକ ଜନାଦେଶ। ଗତ ସାଧାରଣ ନିର୍ବାଚନ ବେଳେ ଆମ ରାଜ୍ୟରେ ମୋଦିଙ୍କ ପ୍ରଭାବ ଲୋକଙ୍କ ଉପରେ ଟିକେ ବି ପଡ଼ିନଥିଲା।

ତେବେ ଓଡ଼ିଶାରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜେପି ଏବଂ କଂଗ୍ରେସ ସଫା ହୋଇ ଯାଇଛନ୍ତି। ୨୦୧୭ ପଂଚାୟତ ନିର୍ବାଚନରେ ବିଜେଡ଼ି ୪୭୬ ଜିଲ୍ଲାପରିଷଦ ଆସନ ଅକ୍ତିଆର କରି ଥିଲାବେଳେ ୨୦୨୨ରେ ୭୬୫ ଆସନ ଅକ୍ତିଆର କରି ଓଡ଼ିଶାବାସୀଙ୍କୁ ଚମକାଇ ଦେଇଛି। ବିଜେପି ୨୦୧୭ରେ ୨୯୭ ଆସନ ଅକ୍ତିଆର କରି ଥିବାବେଳେ ୨୦୨୨ରେ ମାତ୍ର ୪୨ଟି ଆସନ ପାଇବାକୁ ସମର୍ଥ ହୋଇଛି। ସେହିପରି କଂଗ୍ରେସ ୨୦୧୭ରେ ୬୦ ଆସନ ଅକ୍ତିଆର କରି ଥିବାବେଳେ ୨୦୨୨ରେ ମାତ୍ର ୩୭ ଆସନରେ ସୀମିତ ରହିଛ। ତେବେ ବିଜେପି ଏବଂ କଂଗ୍ରେସ ରାଜ୍ୟରେ ଗୋଟିଏ ବି ପରିଷଦ ଗଠନ କରିବାର ଆଶଙ୍କା ପ୍ରାୟ ନାହିଁ। ହୁଏତ ଏଭଳି ଐତିହାସିକ ଫଳାଫଳ ଏଇଥିପାଇଁ ଯେ, ସ୍ୱାଧୀନତା ପରଠାରୁ ଓଡ଼ିଶା ସଂପୂର୍ଣ୍ଣ ଅବହେଳିତ ଅବସ୍ଥାରେ ଥିଲା। ନବୀନବାବୁ ଓଡ଼ିଶା ଶାସନ ଡ଼ୋରି ଧରିବା ପରଠାରୁ ଓଡ଼ିଶାରେ ବିକାଶ ଧାରା ଆରମ୍ଭ ହୋଇ ଏବେ ଚରମ ସୀମାରେ ପହଂଚିଛି।

ଓଡ଼ିଶାର ମାଟି ତଳେ ପ୍ରଚୁର ଖଣିଜ ସଂପଦ ଭରି ରହିଛି। ପ୍ରାକୃତିକ ଦୃଶ୍ୟରାଜିରେ ଭରା ଓଡ଼ିଶା ଦେଶ ବିଦେଶରେ ଏକ ମନୋରମ ରାଜ୍ୟ ଭାବେ ପରିଚିତ। ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ। ଓଡ଼ିଶା ମନ୍ଦିରମାଳିନୀ ରାଜ୍ୟ ଭାବେ ସର୍ବବିଦିତ। କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ଗଚ୍ଛିତ ମୋଟ କ୍ରୋମାଇଟ୍ ମଧ୍ୟରୁ କେବଳ ଓଡ଼ିଶାରେ ୯୪.୪ ଶତକଡ଼ା ରହିଥିବା ବେଳେ ବକ୍ସାଇଟ୍ ୫୯.୫ ଶତକଡ଼ା, ଲୁହାପଥର ୩୨.୯ ଶତକଡ଼ା, ମାଙ୍ଗାନିଜ୍ ୬୭.୬ ଶତକଡ଼ା, କୋଇଲା ୨୪.୮ ଶତକଡ଼ା, ଗ୍ରାଫାଇଟ୍ ୭୧.୦ ଶତକଡ଼ା, ନିକେଲ୍ ୯୧.୮ ଶତକଡ଼ା, ଚାଇନା କ୍ଲେ ୩୧.୫ ଶତକଡ଼ା, ଡ଼ୋଲ୍‌ମାଇଟ୍ ୧୭.୯ ଶତକଡ଼ା, ଫାୟାର୍ କ୍ଲେ ୨୫.୬ ଶତକଡ଼ା, ମିନେରାଲ୍ ସ୍ୟାଣ୍ଡସ ୩୦.୮ ଶତକଡ଼ା, ପିରୋଫାଇଲିଟ୍ ୬୫.୧ ଶତକଡ଼ା ଆଦି ବହୁ ଖଣିଜ ସଂପଦ ଭରି ରହିଛି। ରାଜ୍ୟରେ ୭୦ କୋଟି ଘନମିଟର ଭୂତଳ ଜଳ ଗଚ୍ଛିତ ରହିଛି, ଯାହା ଦେଶର ମୋଟ ଜଳ ସଂପଦର ୧୧ ଶତକଡ଼ା। ରାଜ୍ୟରେ ୭୯ ଲକ୍ଷ ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ଏଥିରୁ ମାତ୍ର ୪୫ ଲକ୍ଷ ହେକ୍ଟର ଜମିରେ ଧାନ ଚାଷ ଓ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଅର୍ଥକାରୀ ଫସଲ ହେଉଛି। ଅନ୍ୟପକ୍ଷରେ ପ୍ରାୟ ୧୧.୫ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚିତ ହୋଇଥିବା ବେଳେ ବାକି ଜମି ଜଳସେଚିତ ହୋଇନାହିଁ। ତେବେ ପାଖାପାଖି ୫ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ସମ୍ଭବ ନୁହେଁ। ତଥାପି ଚାଷ ହୋଇପାରୁ ନ ଥିବା ଜମିକୁ ଉତ୍ପାଦନକ୍ଷମ କରାଯିବାର ଆବଶ୍ୟକତା ରହିଛି। ସେହିପରି ଆମ ରାଜ୍ୟରେ ଥିବା ୪୮୦ କି.ମି. ସୁଦୀର୍ଘ ମନୋରମ ସମୁଦ୍ର ଉପକୂଳ ଓ ଏସିଆ ମହାଦେଶର ସର୍ବବୃହତ୍ ଲବଣାକ୍ତ ହ୍ରଦ ଚିଲିକା ରାଜ୍ୟର ଗୌରବ ବହନ କରୁଛି। ବିଶ୍ୱବିଖ୍ୟାତ



ଭିତରକନିକା ଅଭୟାରଣ୍ୟ, ଦୁର୍ଲଭ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଏନ୍ତୁଡ଼ିଶାଳ, କୁମ୍ଭୀର ପ୍ରଜନନ କେନ୍ଦ୍ର, ବିଶାଳ ସାମୁଦ୍ରିକ ଅଭୟାରଣ୍ୟ, ହେନ୍ତାଳ ବଣ ଆଦି ଓଡ଼ିଶାର ଗର୍ବ ଓ ଗୌରବ। ହେଲେ ଦୁଃଖର କଥା, ଓଡ଼ିଶାରେ ସବୁକିଛି ଥିବା ସତ୍ତ୍ୱେ ଓଡ଼ିଶା ଦରିଦ୍ର ବୋଲି କୁହାଯାଇଆସୁଛି। ଏପରିକି ଓଡ଼ିଶା ଭାରତର ସବୁଠୁ ପଛୁଆ ଓ ଅବହେଳିତ ରାଜ୍ୟ। ଓଡ଼ିଶାରେ ଦାରିଦ୍ର୍ୟର ଉତ୍ପାତ ସବୁଠୁ ବେଶୀ। ଅନାହାର, ଅର୍ଦ୍ଧାହାର ଓ ଅଳ୍ପାହାରରେ ବଂଚୁଥିବା ଲୋକଙ୍କ ସଂଖ୍ୟା ବହୁ ଅଧିକ। ଅଧିକାଂଶ ଶିଶୁ ପୁଷ୍ଟିହୀନତାର ଶିକାର। ପେଟକୁ ମୁଠାଏ ଦାନା ପାଇଁ ଓଡ଼ିଆର ଆର୍ତଚିତ୍କାର ସାରା ଦେଶରେ ପ୍ରକମ୍ପିତ ହେଉଛି। ଓଡ଼ିଶାର ଅନାହାର ମୃତ୍ୟୁ ଖବର ବିଶ୍ୱବାସୀଙ୍କୁ ସ୍ତବ୍ଧ କରୁଛି। ଓଡ଼ିଶାରେ ଶିଶୁ ଓ ଗର୍ଭବତୀ ମାତୃ ମୃତ୍ୟୁହାର ସର୍ବାଧିକ...ଇତ୍ୟାଦି। ବାସ୍ତବତା ହେଲା, ଏହି ଅବସ୍ଥା ୨୦୦୦ ମସିହା ପର୍ଯ୍ୟନ୍ତ ବଳବତର ଥିଲା। ହେଲେ ଧୀରେ ଧୀରେ ପ୍ରଗତିର ଶିଢ଼ୀ ଚଢୁଛି ଓଡ଼ିଶା।

ପୂର୍ବରୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟରେ ଗଚ୍ଛିତ ବିଭିନ୍ନ ଖଣିଜ ସଂପଦର ଉପଯୁକ୍ତ ଉପଯୋଗ ହୋଇପାରୁ ନ ଥିଲା। ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତି ଏବଂ ଶିଳ୍ପ ପ୍ରସାରର ଆବଶ୍ୟକତା ରହିଥାଏ। ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି। ମାତ୍ର କିଛିବର୍ଷ ତଳୁ ରାଜ୍ୟବାସୀ ଯାହା ପ୍ରଗତିର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ବିକାଶଶୀଳ ରାଜ୍ୟରେ ପରିଣତ ହୋଇଥିବା ସମସ୍ତେ ସ୍ୱୀକାର କରୁଛନ୍ତି। ଉଦାହରଣ ସ୍ୱରୂପ, ଆମ ରାଜ୍ୟରେ ଆମ ଖଣିଜ ସଂପଦର ଉପଯୁକ୍ତ ବିନିଯୋଗ ହୋଇପାରୁ ନଥିବାରୁ ଖୁବ୍ କମ୍ ମୂଲ୍ୟରେ ଆମ ଖଣିଜ ସଂପଦ ବାହାରକୁ ରପ୍ତାନି ହୋଇ ସେଠାରେ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଥିଲା। ମାତ୍ର ୨୦୦୦ ମସିହା ପରଠାରୁ ଓଡ଼ିଶାର ଭାଗ୍ୟରେଖା ଖୋଲିବା ପରେ କେତେକ ବୃହତ୍ କମ୍ପାନୀ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗେଇ ଆସିଥିଲେ ଓ ଆସୁଛନ୍ତି। ରାଜ୍ୟର ଉପକୂଳରେ ଅନେକ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା, ରାସ୍ତାଘାଟର ନବୀକରଣ-ନିର୍ମାଣ, ଟଙ୍କିକିଆ ଚାଉଳ ଯୋଗାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ଗମନାଗମନର ଅଭୂତପୂର୍ବ ବିକାଶ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ବିଭିନ୍ନ ପ୍ରଭାବୀ ପଦକ୍ଷେପ, ଆଇନକାନୁନ୍ ବ୍ୟବସ୍ଥା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଉନ୍ନତି ପାଇଁ ଅଭିନବ ଯୋଜନା ଓଡ଼ିଶା ବିକାଶର ପଥ ପରିଷ୍କାର କରି ଦେଇଛି। ଏହା ସମ୍ଭବ ହୋଇଛି ପ୍ରବଳ ରାଜନୈତିକ ଇଚ୍ଛାଶକ୍ତି ଓ ରାଜ୍ୟ ନେତୃତ୍ୱର ନିଷ୍ଠାପର ଉଦ୍ୟମ ଯୋଗୁ, ଯେଉଁଥିପାଇଁ ଲଗାତାର ସମସ୍ତ ନିର୍ବାଚନରେ ସାରା ଓଡ଼ିଶାକୁ ଶଙ୍ଖଧ୍ୱନିରେ ମୁଖରିତ କରି ଇତିହାସ ରଚି ଚାଲିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୨୦୧୯ ନିର୍ବାଚନରେ ମଧ୍ୟ ବିଜେଡ଼ି ତା'ର ବିପୁଳ ବିଜୟର ଇତିହାସ ଦୋହରାଇଥିଲା। ଅବହେଳିତ ଓଡ଼ିଶାର ଶାସନ ଡ଼ୋରୀ ଧରିଥିବା ନବୀନବାବୁ ଇତିମଧ୍ୟରେ ନିଜର ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଶାସନ ଯୋଗୁ ଓଡ଼ିଶାକୁ ବିକାଶଶୀଳ ରାଜ୍ୟରେ ପରିଣତ କରିଛନ୍ତି। ସବୁଠୁ ସୁଖର କଥା ହେଲା, ରାଜ୍ୟରେ ଦ୍ରୁତ ହ୍ରାସ ପାଇ ଚାଲିଛି ଦାରିଦ୍ର୍ୟର ହାର। ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଯଥେଷ୍ଟ ସହାୟତା ସାଧାରଣ ଲୋକଙ୍କୁ ମୁଗ୍ଧ କରିଛି। ଏପରିକି ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ନବୀନବାବୁଙ୍କ ଦୃଢ଼ ମାନସିକତା ରାଜ୍ୟବାସୀଙ୍କୁ ଖୁବ୍ ଭଲ ଲାଗୁଛି। ଆଶ୍ଚର୍ଯ୍ୟର କଥା ଯେ, ବିରୋଧୀ ଦଳମାନଙ୍କର ଅସୁମାରୀ ଅଭିଯୋଗ ମଧ୍ୟ ଛୁଇଁପାରିନି ନବୀନବାବୁଙ୍କ ଲୋକପ୍ରିୟତାକୁ। ଏପରିକି 'ଫୋନି' ମହାବାତ୍ୟାର ସନ୍ତୋଷଜନକ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଜେପି ପକ୍ଷରୁ ନବୀନବାବୁଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା। ସେହିପରି ମହାମାରୀ 'କରୋନା' ମୁକାବିଲାରେ ସାରା ଦେଶରେ ଓଡ଼ିଶା ପ୍ରଥମ ସ୍ଥାନ ଦଖଲ କରିଛି। ଏଥିପାଇଁ ଓଡ଼ିଶା ସରକାର ବିଶେଷତଃ ନବୀନବାବୁଙ୍କୁ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରର ବିଭିନ୍ନ ସଂସ୍ଥା ପକ୍ଷରୁ ପ୍ରଶଂସା କରାଯାଇଆସୁଛି। ତେବେ ଆଗାମୀ ଦିନରେ ଓଡ଼ିଶାର ପ୍ରଗତି ଆହୁରି ଦ୍ରୁତ ହେବ ଓ ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ସାଧାରଣରେ ଆଶା କରାଯାଉଛି।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# "ବଡ ପୁଅ"

ଅନାମିକା ଦାସ



ବାପା ଚାଲିଯିବା ପରେ, ସତେ ଯେମିତି ସବୁଥିରେ ଅଗ୍ରାଧିକାର ମିଳିବା ପରି ଲାଗିଲା। ବୋଉ ଗାଁରେ ସାନଭାଇ ସିତେନ୍ ପାଖେ ରହୁଥିଲା। ଆଉ ମୁଁ ମୋ କର୍ମସ୍ଥଳି ବମ୍ବେରେ ସ୍ତ୍ରୀ ଏବଂ ଝିଅ ସହ ରହୁଥିଲି। ଘରେ ରଙ୍ଗ ଦିଆ ହେଉ କି ଆମ୍ବ ତୋଟା ଲିଜ୍‌ରେ ଦିଆ କଥା ହେଉ, ବୋଉର ସବୁ କଥାରେ ମୋ ବଡ ପୁଅକୁ ପଚାର ତା' କଥା ଅନୁସାରେ କର। ସାନ ଭାଇ ଅନେକ ଥର ତା' ଭାଉଜ ପାଖେ ଅଭିମାନ ଭରା ଅଭିଯୋଗ ବି କରେ କି, ଦେଖୁନ ଭାଉଜ ଭାଇ ବର୍ଷରେ ଦୁଇଥର ଆସୁଛି ଗାଁ କୁ ହେଲେ ଘରେ ଜିରା ଫୁଟିବ କି ସୋରିଷ, ସବୁର ନିଷ୍ପତି ବଡ ପୁଅ ଉପରେ ନିର୍ଭର। ସିତେନ୍‌ର ପୁଅ ଏକୋଇଶିଆରେ କ'ଣ ଆଇଟମ୍ ହେବ ତାହା ମଧ୍ୟ ବୋଉ ମୋର ନିଷ୍ପତିକୁ ଅଗ୍ରାଧିକାର ଦେଇଥିଲା। ମୋତେ ବି ଖୁବ୍ ଗର୍ବ ଅନୁଭବ ହୁଏ କି ଏତେ ବଡ ଉପାଧି ବଡପୁଅ ହେବାର ପାଇଛି।

ବାପା ଯେତେବେଳେ ହଠାତ୍ ହୃଦ୍‌ଘାତରେ ଚାଲିଗଲେ ମୁଁ ବମ୍ବେରେ ନଥାଏ, ଅଫିସ୍ କାମରେ ଏକମାସ ଲାଗି ଆମେରିକା ଗସ୍ତରେ ଥିଲି, ଖବର ପାଇ ଆସିବାକୁ ଚେଷ୍ଟା କରିଲି, ବୋଉ ବାର-ବାର ବାହୁନି ହଉଥାଏ ବାବୁରେ ତୁ ପରା ବଡପୁଅ, ତୋ ହାତରୁ ମୁଖାଗ୍ନି ଟିକେ ନପାଇଲେ ବାପାଙ୍କୁ ମୋକ୍ଷ ମିଳିବନି। ହେଲେ ମୁଁ ଆସିପାରି ନ ଥିଲି, ଆଉ ଦୁଇଦିନ ଅପେକ୍ଷା ପରେ ସିତେନ୍ ହିଁ ମୁଖାଗ୍ନି ଦେଇଥିଲା। ମୁଁ ଆମେରିକାରୁ ଫେରି ଗାଁକୁ ଯାଇଥିଲି। ଉଦ୍ଦେଶ୍ୟ ଥିଲା ସ୍ତ୍ରୀ ଓ ଝିଅକୁ ବମ୍ବେ ଆଣିବା। ମୁଁ ଷ୍ଟେସନରୁ କାର୍‌ଟେ ଭଡା କରି ଯାଇଥିଲି, ଘର ଆଗରେ ଗାଡି ରହୁ ରହୁ ଦାଣ୍ଡ ପିଣ୍ଡାରେ ବସିଥିବା ବୋଉ ଭୋ ଭୋ ହୋଇ କାନ୍ଦି କାନ୍ଦି କହିଥିଲା ମୋ ବଡପୁଅ ଆସିଗଲା। ମୋ ସ୍ତ୍ରୀ, ସାନଭାଇର ସ୍ତ୍ରୀ ସମସ୍ତେ ଆମକୁ ଟାଟକା ହୋଇ ଚାହିଁଥିଲେ। କାରଣ ବାପା ଯିବାର ଅଠରଦିନ ହେଇଯାଇଥିଲା। ହେଲେ ବୋଉ ପଦୁଟିଏ କଥା ପାଟିରୁ କାଢ଼ି ନଥିଲା, ସିତେନ୍‌ର ସ୍ତ୍ରୀ ମିତା ହାତେ ଓଢ଼ଣା ଦେଇ କହିଥିଲା ଭାଇ, ବୋଉ ସବୁ ଲୁହତକ ଚାପି ରଖି ସବୁଦିନ ଦାଣ୍ଡପିଣ୍ଡାରେ ବସୁଥିଲେ ବୋଧେ ବଡପୁଅ ଆଗରେ କହି କାନ୍ଦିବେ, ଆଉ କେହି ସତେ ଯେମିତି ତାଙ୍କ କଷ୍ଟ ବୁଝି ପାରିନଥିଲେ। ବୋଉ ସେମିତି ମୋତେ କୁଣ୍ଢେଇ ଧରି କହୁଥାଏ ବାବୁରେ ବାପା ସିନା ସେ ଭାଗ୍ୟ ପାଇଲେନି, ହେଲେ ମତେ ତୁ ହିଁ ମୁଖାଗ୍ନି ଦେବୁରେ, ମୋର ଆଉ କିଛି ଦରକାର ନାହିଁ। ମତେ ସେତେବେଳେ ଲାଗୁଥିଲା ସତରେ କୋଉ ଜନ୍ମର ପୂଣ୍ୟ ଫଳ "ବଡପୁଅ" ହୋଇ ପାଇଛି । ସିତେନ୍ ବିଲ ଆଡେ ଯାଇଥିଲା, ଆସିଲା ପରେ ଗୁଡେ ଛୋଟ ବଡ କାଗଜ ଆଣି ବସିଲା, କହିଲା ଭାଇ ତମେ ତ ଦୂରରେ ରହିଲ, ଏତେ ଗୁଡେ ଜମି-ବାଡି, ତୋଟା ଏସବୁ ମୁଁ ଏକଲା ପାରୁନି। ତମେ କହିଲେ କିଛି ଜମି ବିକ୍ରି କରି ଦେଇ ଘରର ଉପର ମହଲାଟା କରିଦିଅନ୍ତି। ତମେ ସବୁ ରିଟାୟାର୍ଡ୍ ହେଲେ କେମିତି ଚଳିବା। ବାପା ଯଦିଓ ଭଲ ଘର ଖଣ୍ଡେ କରିଯାଇଥିଲେ, ସାନ ବି କିଛି କମ୍ ପଡ଼ି ନଥିଲା, ହେଲେ, ମୁଁ ବଡ ପୁଅ ବୋଲି ମତେ ସ୍ୱତନ୍ତ୍ର ଅଧିକାର ଦେଇଥିଲେ। ଓଡିଶା ଛାଡି ବାହାରେ ନିଜ କ୍ୟାରିଅର ଗଢ଼ିବା ଲାଗି ସିତେନ୍ ବି କିଛି ପ୍ରତିବାଦ କରି ନ ଥିଲା । ଖାଲି ବୋଉ ଯାହା ବାହୁନି ହେଇ ଚାଲିଥିଲା । ଗାଁରେ ଥାଇ ବି ବୋଉ ମୋର ପାଠୋଇ ନହେଲେ ବି ଯେମିତି ସବୁ ବୁଝି ପାରୁଥିଲା, ମୁଁ କିଛି କହିବା ଆଗରୁ ସେ ରାତିରେ ବାପା ଖାଇ ବସିଥିଲା ବେଳେ କହିଲା, ମୋ ବଡପୁଅକୁ ତ ଏତେ ବଡ ସହରକୁ ଯିବା ଲାଗି ଅନୁମତି ଦେଇଦେଲ ହେଲେ ସେ କେମିତି ଖାଇବ, ଏକୁଟିଆ ଏତେ ବଡ ସହରରେ କେମିତି ଚଳିବ, ତା' ସ୍ତ୍ରୀ ସୁଜାତା ଯାଉ ତା' ସହ। ସତେ ଯେମିତି ବୋଉ ଗୋଟେ ଏମିତି ଚକ୍ଷୁ ପାଇଥିଲା ସେ ମୋ ମନଭିତରେ କ'ଣ ଚାଲିଛି ବୁଝି ପାରୁଥିଲା। ଖୁସି ହୋଇ ସ୍ତ୍ରୀକୁ ଧରି ଚାଲିଲି ବମ୍ବେ। ବର୍ଷେରେ ଦୁଇଥର ହିଁ ଆସେ ଗାଁକୁ । ସେଇ ବମ୍ବେରେ ମୋର ଝିଅ ହେଲା, ସିତେନ୍ ବୋଉକୁ ନେଇ ମୋ ପାଖେ ଛଅମାସ ଲାଗି ଛାଡି ଦେଇଥିଲା। ବୋଉ ମୋ ଝିଅକୁ ତେଲ ଘଷିଲା ବେଳେ କହୁଥାଏ ମୋ ବଡପୁଅର ଝିଅ ତୁ, ତୋ ବାପା ଭଳି ହେବୁ, ବୋଉ ନିପଟ ଗାଁର ହେଉ ବି ତା'ର ପୁଅ ଝିଅରେ କିଛି ଫରକ ନଥିଲା। ସୁଜାତା ମୋ ସ୍ତ୍ରୀ ବି ଆଶ୍ଚର୍ଯ୍ୟ ହୋଇ କହୁଥିଲା ସତରେ ବୋଉ ବହୁତ ଭଲ। ଏମିତି ଅନେକ କିଛି କଥା ଆଖି ଆଗରେ ଭାସି ଉଠୁଥିଲା। ବୋଉର ବାର୍ ବାର୍ ଗୋଟେ ଅଳି ବାବୁରେ ବାପା ଗଲେ ତୁ ଆସି ପାରିଲୁନି କିନ୍ତୁ ମୋତେ ତୁ ମୁଖାଗ୍ନି ଦବୁରେ, ତୁ ପରା ବଡ ପୁଅ, ନହେଲେ ମୁଁ ମୋକ୍ଷ ପାଇବିନି। ବଡ ବିରକ୍ତ ଲାଗୁଥିଲା ବୋଉର ସେ କଥା। ସତେ ଯେମିତି ମୁଁ ବଡପୁଅ ବୋଲି ମୋତେ ଏତେ ପାଠ ପଢ଼େଇ, ଚାକିରି କରିବାକୁ ବାହାରକୁ ଛାଡି, ମତେ ସମାଜରେ ପ୍ରତିଷ୍ଠିତ କରିବା ସବୁ କିଛି କ'ଣ ବାସ୍ ମୁଖାଗ୍ନି ଟିକେ ଲାଗି କରିଥିଲେ ବାପା-ବୋଉ । ସାନଭାଇକୁ ମୁଁ ଅଧା ଅଧିକାର ଦେବା ଭଳି, କହିଥିଲି ତୁ ଜମି-ତୋଟା ଘର ଯାହା ଇଚ୍ଛା କର, ମୋର ସବୁଥିରେ ସହମତି ଜାଣିବୁ । ଆଉ ସୁଜାତା ବି ମିତା କାନ୍ଧରେ ହାତ ରଖି କହିଥିଲା ମିତା ତମେ ଦୁଇଜଣ ଯେ ଆମକୁ କେତେ ହାଲ୍‌କା କରିଦେଉଛ, ବୋଉଙ୍କ ଦେହପା, ବନ୍ଧୁବାନ୍ଧବ ସବୁ ତ ତମେ ଦୁଇଜଣ କରୁଛ, ପୁଣି ଏମିତି ପ୍ରତି କଥାରେ ଅନୁମତି କାହିଁକି ଲୋଡୁଛ? ଯାହା ଠିକ୍ ଲାଗିବ କରିବ। ମିତା ଅଭିମାନ ସ୍ୱରରେ କହିଲା, ଅପା ବୋଉ ସିନା ରାଜି ହେଲେ, ଘରେ ପରା ଆଚାର କି ବଡ଼ି ଟିକେ ପକେଇଲେ ବି ବୋଉ କହିବେ ଟିକେ ବଳେଇକି କରିଥା ମୋ ବଡ ପୁଅ ଆସିଲେ ନେଇକି ଯିବ।

ବାସ୍ ଆମ ଫ୍ଲାଟ୍ ଭୁବନେଶ୍ୱରରେ ପହଂଚି ସାରିଥିଲା, ଆଉ ବାସ୍ ଚାରିବର୍ଷରେ ରିଟାୟାର୍ଡ୍ ହୋଇ ଗାଁକୁ ସବୁଦିନ ଲାଗି ଫେରିଆସିବି ବୋଲି ବୋଉକୁ କହିଥିଲି। ହେଲେ ମୁଁ ବମ୍ବେ ଫେରିବା ୪ ମାସ ହେଇନି ହଠାତ୍ ସୁଜାତା ଅଫିସ୍‌କୁ ଫୋନ୍ କରି କହିଥିଲା, ସିତେନ୍ ଫୋନ୍ କରିଥିଲେ ବୋଉଙ୍କ ଦେହ ବହୁତ ଖରାପ ତମକୁ ଝୁରୁଛନ୍ତି। ମୁଁ ଦ୍ୱନ୍ଦ୍ୱରେ ପଡିଗଲି ଏମିତିରେ ତ ବାସ୍ ଆଉ ମାସ ହିଁ ଝିଅର ଖରା ଛୁଟି ହେବ ଆଉ ଆମେ ଯିବାର ଥିଲା, ପୁଣି ଏମିତି ମଝିରେ, ହଉ ମୁଁ ବୁଝୁଛି କହି ଫୋନ୍ ରଖିଲି। ଆଉ କାମ ଭିତରେ ସଂଧ୍ୟା ଯାଏଁ ଆଉ ବୋଉକୁ ମନେପକେଇ ପାରିଲିନି, ଭାବିଥିଲି ରାତିରେ ସୁଜାତା ସହ କଥା ହେଇ କିଛି ଗୋଟେ କରିବି। ସଂଧ୍ୟାରେ ଘରକୁ ଫେରୁଥିବା ବେଳେ ସିତେନ୍ ଫୋନ୍ କଲା, ଭାଇ ଶୀଘ୍ର ଆସ୍ ବୋଉ ତତେ ଖୋଜୁଛି, ବୋଉର ହୃଦ୍‌ଘାତ ହୋଇଥିଲା। ମୁଁ କେମିତି ଗୋଟେ ଅନୁଭବ କଲି ବୋଉ ଡାକୁଛି ବାବୁରେ ଟିକେ ଆ' ତୁ ପରା ମୋ ବଡ ପୁଅ। ସେଇ ସଂଧ୍ୟାରେ ହିଁ ଉଚ୍ଚା ଦରରେ ଫ୍ଲାଇଟ୍ ଟିକେଟ କରି ଏକୁଟିଆ ଭୁବନେଶ୍ୱର ହେଇ ଗାଁ ରାସ୍ତାରେ ଆଗେଇଲି। ଆଉ ବାସ୍ ୧୫ କିଲୋମିଟର ପରେ ଆମ ଘର, ଆଉ ମୋର ଭାବନା ସବୁବି ବୋଧେ ଘରେ ପହଞ୍ଚିଲେ ହିଁ ଯବନିକା ପଡିବ। ଦୂରରୁ ଘରଟି ଆମର ଝାପସା ଦିଶୁଥିଲା, ଭୋର ୫ଟା ହେବ, ବୋଧେ ଗୋଟେ ବଡ ଗାଡି ବି ଦେଖାଗଲା। ଯେତେ ଯେତେ ପାଖକୁ ବଢୁଥିଲି ଗାଡିଟି ସ୍ପଷ୍ଟ ଦେଖାଯାଉଥିଲା, ସେ ଗାଡି ପଛରେ ଏ କ'ଣ ଲେଖା ହେଇଛି "ଶେଷ ଯାତ୍ରା...." ତା'ମାନେ କ'ଣ ବୋଉ ଆଉ ନାହିଁ? ମୁଁ କାରରୁ ଦୌଡି ଘର ଭିତରକୁ ଗଲି, ମୋ ବୋଉ ଶୋଇଯାଇଛି ଚିରନିଦ୍ରାରେ। ସିତେନ୍, ମିତା ପାଖ ପଡୋଶୀ ବୋଧେ କାନ୍ଦି କାନ୍ଦି ଥକି ପଡି ପଥର ପରି ବୋଉ ଚାରିପଟେ ବସିଛନ୍ତି, ବୋଉ ମୁହଁଟି ଦିଶୁଥିଲା, କାନକୁ ବାବୁରେ ଡାକ ଶୁଭୁଥିଲା । ସିତେନ୍ କହିଲା ଭାଇ ବୋଉ କାଲି ଦିନ ଦୁଇଟାରୁ ଗଲାଣି, ରାଣ ଦେଇଥିଲା ତତେ ନ କହି ବାସ ଦେହ ଖରାପ କହି ଡାକିବୁ, ଆଉ ମୋ ବଡପୁଅ ଆସିଲେ ହିଁ ମୁଁ ମଶାଣି ଯିବି, ମୁଖାଗ୍ନି ଦେବାର ଅଧିକାରଟା ତା'ର । ଆଜି ପ୍ରଥମ ଥର ଲାଗିଲା ଏ କି ଅଧିକାର। ସଙ୍ଗେ ସଙ୍ଗେ ମାଲ ଭାଇ କୋକେଇ ବାନ୍ଧି ଦେଲେ, ଯେମିତି ଯେମିତି ବତେଇଲେ ମୁଁ କରି ଚାଲିଲି। କୋକେଇ ଉଠାଇବା ବେଳକୁ ପାଖ ଘର ମାଉସୀ ଲୁହା କଂଟାଟେ ଦେଲେ କହିଲେ ପୁଅ ଏଇଟା ଅଂଟାରେ ଖୋସିଦିଅ, ମୁଖାଗ୍ନି ଦେଇ ପଛକୁ ଫେରି ଚାହିଁବନି, ସିଧା ସ୍ନାନ କରି ଘରକୁ ଚାଲି ଆସିବ। ଆଶ୍ଚର୍ଯ୍ୟ ଲାଗୁଥିଲା ମୋ ବୋଉ କ'ଣ ମୋତେ ଡରେଇବ ଯେ ମୁଁ ଲୁହା କଂଟା ରଖିବି? ତଥାପି ଶେଷ ଯାତ୍ରା ଗାଡିରେ ବୋଉକୁ ରଖି ମୁଁ ଡ୍ରାଇଭର ପାଖେ ବସିଲି। ଗାଁ ତ ଅଧା ସହର ହେଇ ସାରିଥିଲା, ସେଥିଲାଗି ମଶାଣି ବି ଆଉ ପାଖରେ ନାହିଁ। କୋଡିଏ-ବାଇଶ କିଲୋମିଟର ପରେ ମଶାଣି । ସାନଭାଇ, ଆଉ କିଛି ବନ୍ଧୁ ଶେଷଯାତ୍ରା ଗାଡିର ଆଗରେ ପଛରେ ଦୁଇଚକିଆ ଗାଡିରେ ଚାଲିଥାନ୍ତି। ମୋ ମନରେ ବିରକ୍ତି ଭାବ ଆସୁଥିଲା ଶେଷ ଯାତ୍ରା ଗାଡି ଚାଳକ ଉପରେ, ସତେ ଯେମିତି ସାଇକେଲ୍ ଚଳାଉଛି। ଆଉ ରହିପାରିଲିନି କହିଲି ଟିକେ ଜୋର୍‌ରେ ଚଲାଉନ, ସେ ଗୋଟେ ତାଚ୍ଛଲ୍ୟ ହସ ହସି କହିଲା ବାବୁ ଜୋର୍‌ରେ ଚଳାଇଲେ ମା'ଙ୍କ ଦେହ ଏକଡ ସେକଡ ହେବନି! ମୁଁ ସଙ୍ଗେ ସଙ୍ଗେ ପଛକୁ ଅନେଇଲି ବୋଉ ସେମିତି ଶୋଇଛି। ଡ୍ରାଇଭର କହିଲା ଚିନ୍ତା କରନ୍ତୁନି ଆଜ୍ଞା ଭଲସେ ବନ୍ଧା ହେଇଛି ବଡିଟା, ଆଉ ମୁଁ ଆଠ ବର୍ଷ ହେଲା ଏଇ କାମ କରୁଛି, କାଲି ତ ସକାଳୁ ରାତି ଭିତରେ ତିନିଟା ବଡି ନେଇଛି ଏଇ ଗାଡିରେ। ମଶାଣି ପହଂଚିଲା ବେଳକୁ ପୁରା ସକାଳ, ବୋଉକୁ ଟିକେ ଆଖି ପୁରେଇ ଦେଖିଲି, ସେପଟେ କାଠ ସଜଡା, ଘିଅ, ବ୍ରାହ୍ମଣ ସବୁ ରେଡି ହୋଇସାରିଥିଲା, ବୋଉକୁ ନେଇ ସେଇ କାଠ ଗଦା ଉପରେ ଶୁଆଇ ଦିଆଗଲା। ମୋତେ ଯେମିତି ବୋଉ କହୁଥିଲା ବାବୁରେ ମୁଁ ତ ଗଦିରେ ଶୁଏ, ଏ କାଠ ମୋତେ କଷ୍ଟ ହେଉଛି, ମୁଁ କାନ୍ଦି ନଥିଲି, ବଡପୁଅ ପରା ମୋର ଅନେକ କ□ବ୍ୟ, ବ୍ରାହ୍ମଣ ମନ୍ତ୍ର ପଢ଼ାପଢ଼ି ସାରି କେହି ଜଣେ ମୋ ହାତରେ ଜଳନ୍ତା ମଶାଲଟିଏ ଧରେଇ ଦେଇ କହିଲେ ମା'ଙ୍କୁ ମୁଖାଗ୍ନି ଦିଅନ୍ତୁ। ଆଉ ସିଧା ମଶାଣୀ ବାହାରକୁ ଚାଲିଯିବେ, ଫେରି ଦେଖିବେନି। ଆଉ ମୋତେ ବୋଉର ମୁହଁ ଦିଶୁ ନ ଥିଲା। ଧୂଆଁ ନୁହେଁ, ମୋ ଆଖି ଲୁହରେ ମୋ ବୋଉ ଆଉ ଦିଶୁ ନ ଥିଲା। ନା ମୁଁ ପାରିବିନି, ମୋ ବୋଉ, ମୋ ଦେହରେ ଛୋଟ ଘା'ଟେ ଦେଖିପାରେନି, ସ୍କୁଲ ଗଲାବେଳେ ଖରାଦିନେ ଛୁଟି ବେଳକୁ ଛତାଟେ ଧରି ସ୍କୁଲ ଆଗରେ ଠିଆ ହେଇଥାଏ, ଭାତରେ ଦୁଇ ଚାମଚ ଦେଶୀ ଘିଅ ଦେଇକି ବି ତା'ମନ ମାନେନି, ଆଉ ଆଜି ମୁଁ ସେଇ ବୋଉ ଉପରେ ଦେଶୀ ଘିଅ ଢ଼ାଳି, ତାକୁ ନିଜ ହାତରେ ନିଆଁ କେମିତି ଲଗେଇବି, ଆତ୍ମା ମୋର କାନ୍ଦି ଉଠିଲା, ଖୁବ୍ କାନ୍ଦିଲି, ନିଜକୁ ପ୍ରଥମ ଥର ଧିକ୍କାର କରୁଥିଲି, ବଡପୁଅ ହେବା ତ ଗୋଟେ ଅଭିଶାପ। ମୁଁ ଦାୟିତ୍ୱ ନାଁରେ ଗର୍ବ କରୁଥିଲି, ହେଲେ ଆଜି ମୁଁ ପୁରା ଦୁର୍ବଳ ମନେକରୁଥିଲି, ଜଣେ ବନ୍ଧୁ ମୋତେ ଭିଡି ନେଇ ବୋଉ ମୁହଁରେ ସେ ମସାଲଟି ରଖେଇଦେଲେ। ମୁଁ ସତରେ ଦଣ୍ଡେ ବି ଦେଖିବାର ସାହସ କରିପାରିଲିନି ବୋଉ ଜଳିଯାଉଥିଲା, ଆଉଁ ମୁଁ ହିଁ ସେ ହତଭାଗ୍ୟ ବଡପୁଅ ମୋ ବୋଉକୁ ଜାଳି ଦେଲି, ଏକମୁହାଁ ହେଇ ମଶାଣିରୁ ବାହାରୁଥିଲା ବେଳେ ଅଂଟାରୁ ଲୁହା କଂଟା କାଢ଼ି ଫିଙ୍ଗିଦେଲି। ମୋ ବୋଉ କ'ଣ ପ୍ରେତ ଯେ ମୋତେ ଡରେଇବ? ବାର୍ ବାର୍ କହୁଥିଲି ସତରେ ବଡପୁଅ ହେବା ଗୋଟେ ଅଭିଶାପ...।

*-ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ-୭୦୦୮୩୯୬୬୫୪, Mail ID: anamikaorissa91@gmail.com*




# ସଲେଇକେନା ପଞ୍ଚାୟତରେ ଆସ ଶୁଣିବା ଗାନ୍ଧୀ କଥା ଅନୁଷ୍ଠିତ

କେନ୍ଦୁଝର:୧୮/୫(ଆ.ପ୍ର.): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ସଲେଇକେନା ପଂଚାୟତରେ ଆସ ଶୁଣିବା ଗାନ୍ଧୀ କଥା ଅନୁଷ୍ଠିତ ହୋଇଯାଇଛି । ସଲେଇକେନା ପଂଚାୟତର ସରପଂଚ ଶ୍ରୀମତୀ ପାଙ୍ଗେଲ ମୁଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ପଂଚାୟତ ୱାର୍ଡମେମ୍ବର ଓ ବିଭିନ୍ନ ଗ୍ରାମରୁ ଆସିଥିବା ପୁରୁଷ ଓ ମହିଳାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ଗାନ୍ଧୀ ତତ୍ତ୍ୱବିତ୍ ଭକ୍ତବତ୍ସଳ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଅହିଂସା, ସତ୍ୟାଗ୍ରହ ଓ ସ୍ୱାଧୀନତା ଆନ୍ଦୋଳନରେ ଓଡିଶାର ସତ୍ୟାଗ୍ରହୀ ମାନଙ୍କର ଭୂମିକା ବିଷୟରେ ଆଲୋକପାତ କରିଥିଲେ । ତେଲକୋଇ ଅଂଚଳ ବାଲ୍ୟ ବିବାହ ପ୍ରବଣ ହୋଇଥିବାରୁ ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬ ଏବଂ ଗାନ୍ଧୀଜୀଙ୍କ ଦୃଷ୍ଟିରେ ବାଲ୍ୟ ବିବାହ ଏକ ଘୃଣ୍ୟ ପ୍ରଥା ବୋଲି କହିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ ଗାନ୍ଧୀଜୀ ସ୍ୱୀକାର କରିଛନ୍ତି ସେ ଅଳ୍ପ ବୟସରେ କସ୍ତୁରବାଙ୍କୁ ବାଲ୍ୟ ବିବାହ କରିଥିବାରୁ ତାଙ୍କର ପ୍ରଥମ ସନ୍ତାନର ମୃତ୍ୟୁ ହୋଇଥିଲା । ବାଲ୍ୟ ବିବାହ ମା' ଓ ଶିଶୁ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ସରଳ ଭାବରେ ବୁଝାଇ ଥିଲେ । ତତ୍ସହିତ ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମ, ସ୍ୱାବଲମ୍ବନଶୀଳ ସମାଜ ଗଠନ ଓ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରୋଜଗାର ସ୍ୱପ୍ନ ବିଷୟରେ ବର୍ଣ୍ଣନା କରିଥିଲେ । ସଲେଇକେନାର ସମିତିସଭ୍ୟା ସୁଶ୍ରୀ କବିତା ମାଝୀ କହିଥିଲେ ଯେ ପ୍ରତ୍ୟେକ ଗ୍ରାମରେ ଗଛେ, ମହୁଲି ମଦ ଓ ବିଦେଶୀ ମଦ ବ୍ୟବହାର କରି ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି । ସେମାନଙ୍କୁ ଗାଁ ଟାଉଟରମାନେ ବ୍ୟବହାର କରି କୁପଥଗାମୀ କରାଉଛନ୍ତି । ସମସ୍ତ ବିଷୟ ଆଲୋଚନା ପରେ ସଲେଇକେନା ଗ୍ରାମ ପଂଚାୟତକୁ ଆଦର୍ଶ ପଂଚାୟତ ଭାବେ ଗଢି ତୋଳିବାକୁ ନିଷ୍ପତ୍ତି ନିଆଯାଇଥିଲା । ମଦମୁକ୍ତ ଗ୍ରାମ, ବାଲ୍ୟ ବିବାହ ମୁକ୍ତ ପଂଚାୟତ ଓ ଶିଶୁ ଶ୍ରମିକ ମୁକ୍ତ ପଂଚାୟତ ଗଠନ ପାଇଁ ସରପଂଚ ଶ୍ରୀମତୀ ପାଙ୍ଗେଲ ମୁଣ୍ଡା ଆହ୍ୱାନ ଦେଇଥିବା ବେଳେ ସମସ୍ତ ଅଂଶଗ୍ରହଣକାରୀ ଏଥିରେ ସହଯୋଗ କରିବାକୁ ସହମତି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡମେମ୍ବର ପାଣ୍ଡୁ ସାମନ୍ତ, ଶ୍ରୀମତୀ ଲଳିତା ମହାନ୍ତ, ଯୋଗେଶ୍ୱର ମହାନ୍ତ ଓ ସମାଜସେବୀ ଖଗେଶ୍ୱର ପ୍ରଧାନ ଓ ରମାକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜଗନ୍ନାଥ ମନ୍ଦିର ଦାନ ହୁଣ୍ଡି ତାଡି ଲୁଟ

ଯୋଡ଼ା (ପିଏନ)- କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଟାଉନସିପ ସ୍ଥିତ , ଶ୍ରୀ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ ହୋଇଥିବା ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଗତକାଲି ଶନିବାର ସଂନ୍ଧ୍ୟାରେ ମନ୍ଦିର ପୂଜା କର୍ମ ସାରି ମନ୍ଦିର ଗ୍ରୀଲ କବାଟ ତାଲା ମାରି ଯାଇଥିଲେ । ତେବେ ଆଜି ରବିବାର ଭୋର ସମୟରେ ମଂଗଳ ଆଳତୀ ନୀତି କରିବାକୁ ଆସି ପୂଜକ ମନ୍ଦିର ଖୋଲିବା ସମୟରେ ମନ୍ଦିରରେ ଥିବା ଛୋଟ ଗେଟ ତାଲା ଭାଙ୍ଗି ଦୃର୍ବୃର୍ତ୍ତ ଭିତରେ ପଶିବା ପରେ ଦାନ ହୁଣ୍ଡିରେ ଲାଗିଥିବା ତାଲାକୁ ତାଡି ଲୁଟ କରି ଫେରାର ହୋଇଥିବା ଜାଣିବାକୁ ପାଇଥିଲେ । ତେବେ କିଛି ଖୁଚୁରେ ଟଙ୍କା ପଇସାକୁ ହୁଣ୍ଡିରେ ଛାଡି ଦେଇଥିବା ଦେଖିବାକୁ ମିଳିଥିଲା । ଏନେଇ ପୂଜକ ପକ୍ଷରୁ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ । କୋଭିଡ କଟକଣା ଯୋଗୁଁ ମନ୍ଦିରେ ଭକ୍ତଙ୍କ ସମାଗମ ନଥିବା କାରଣରୁ ଦାନ ହୁଣ୍ଡିରୁ ପାଖାପାଖି ୮ରୁ ୧୦ ହଜାର ଟଙ୍କା ଲୁଟ ହୋଇଥିବା ମନ୍ଦିର କମିଟି ପରିଚାଳନା ବିଦ୍ୟାଧର ସାହୁ ସୂଚନା ଦେଇଛନ୍ତି । ତେବେ ଯୋଡା ଅଞ୍ଚଳରେ ଚୋର ଓ ଲୁଟେରା ମାନଙ୍କର ପ୍ରାର୍ଦୁଭାବ ବୃଦ୍ଧି ପାଉଥିବା ବେଳେ ଜଗନ୍ନାଥ ମନ୍ଦିର ହୁଣ୍ଡି ତାଡି ଲୁଟ୍ ଘଟଣା, ଭକ୍ତଙ୍କ ମଧ୍ୟରେ ତଥା ଜନସାଧାରଣରେ ତୀବ୍ର ଅସନ୍ତୋଷ ପକାଶ ପାଇଛି ।



# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

# ପାରିବାରିକ କଳହ, ପତ୍ନୀକୁ ହତ୍ୟାକଲା ସ୍ୱାମୀ

ମାଲକାନଗିରି,୧୮।୫(ପି.ଏନ): ପାରିବାରିକ କଳହକୁ କେନ୍ଦ୍ର କରି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ବାପନପଲ୍ଲୀ ପଚାଂୟତ ଅନ୍ତର୍ଗତ ମେଟାଗୁଡ଼ା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି । ଉତ୍ୟକ୍ତ ସ୍ୱାମୀ ନିଜ ପତ୍ନୀର ଗଳା ଚିପି ହତ୍ୟା କରିଛି । ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିବା ସହ ତଦନ୍ତ ଜାରି ରଖିଛି । ସୂଚନା ଅନୁଯାୟୀ , ମେଟାଗୁଡ଼ା ଗ୍ରାମର ଦୁଲା ମାଢ଼ି ପ୍ରତିଦିନ ଭଳି ଗତକାଲି ସଂଧ୍ୟାରେ ନିଜ କାମ ସାରି ଘରକୁ ଫେରିଥିଲେ । ଏହାର କିଛି ସମୟ ପରେ କୌଣସି କାରଣରୁ ଦୁଲା ଓ ପତ୍ନୀ ପଦିଏଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଦୁଲା ଉତ୍ୟକ୍ତ ହୋଇ ପଦିଏଙ୍କ ଗାଲକୁ ଚାପୁଡ଼ା ମାରିବା ସହ ଗଳାକୁ ଚିପି ଦେଇଥିଲେ । କିଛି ସମୟ ପଦିଏ ଛଟପଟ ହେବା ପରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ଗ୍ରାମବାସୀ ଏହା ଜାଣିବାପରେ ଅଭିଯୁକ୍ତ ଦୁଲାଙ୍କୁ କାବୁ କରିଥିବା ବେଳେ ମୃତ ପଦିଏଙ୍କ ଭାଇ ଏନେଇ ପଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ କେଶ୍ ନଂ - ୪୩ / ୨୨ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ପଡିଆ ଥାନା ଅଧିକାରୀ ସୁନୀଲ କୁମାର ସୋରେନ କହିଛନ୍ତି । ପୁଲିସ ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉଗ୍ରରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

# ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ



କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ । ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ ଜିମିକିଣା ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଟ୍ଟାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ,ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳାଯାଇଥିବା,କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା,କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା,ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା,ନିଯୁକ୍ତିରେ ଜାଲିଆତି କରିବା,ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟାଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ

# ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୟଦୁର୍ଗା ଫାଉଣ୍ଡେସନ୍‌ର ଅଧକ୍ଷା ସାଗରିକା ଅପାଙ୍କୁ ରାଜଧାନୀ ଦିଲ୍ଲୀରେ ପୁରସ୍କୃତ

ହାଟଡିହି:୧୮/୫(ଆ.ପ୍ର.):କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଥିବା ଜୟଦୁର୍ଗା ଫାଉଣ୍ଡେସନ୍ ଟ୍ରଷ୍ଟ ସର୍ବଭାରତୀୟ ଦୁର୍ନୀତି ନିବାରଣ ସଂସଦୀୟ କମିଟି, ନୂଆଦିଲ୍ଲୀ ଆନୁକୂଲ୍ୟରେ ସଂସଦ କ୍ଲବରେ ଆୟୋଜିତ ସମ୍ମାନ ପ୍ରଦାନ ଉତ୍ସବରେ ଜୟଦୁର୍ଗା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧକ୍ଷା ଚଳିତ ବର୍ଷ ପାଇଁ ମର୍ଯ୍ୟାଦା ଜନକ 'ପ୍ରାଉଡ୍ ଇଣ୍ଡିଆନ୍ ଆୱାର୍ଡ' ରେ ସମ୍ମାନୀତ ହୋଇଛନ୍ତି । ମାନବିକ ଅଧିକାରର ସୁରକ୍ଷା ତଥା ଦୁର୍ନୀତି ଏବଂ ଅପରାଧ ଦୂର କରିବା ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରତ୍ୟେକ ବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ସମାଜ ସେବା ଓ ରାଜ୍ୟରେ ଦୁର୍ନୀତି ନିବାରଣ କ୍ଷେତ୍ରରେ ସାମାଜିକ ସଂସ୍କାର ମୂଳକ ପଦକ୍ଷେପ ପାଇଁ ସାଗରିକା ଅପାଙ୍କୁ ଚଳିତ ବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାବାଲେ, ସାଂସଦ ଡ. ରମେଶ ଯାଦବ, ଚଳଚିତ୍ର ଅଭିନେତା ଶାହବାଜ ଖାନ୍, ଭାରତୀୟ ବାୟୁସେନାର ପୂର୍ବତନ ସୁରକ୍ଷା ଅଧିକାରୀ ତୁଳିକା ରାଣୀ, ସାମାଜିକ ନ୍ୟାୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ମନୀଷ ଶଙ୍କର ରାଓ ଗବାଇଙ୍କ ସମେତ ଦୁର୍ନୀତି ବିଭାଗର ବହୁ ପଦାଧିକାରୀ ବୃନ୍ଦ ଯୋଗ ଦେଇଥିଲେ । ଉଲ୍ଲେଖ ଯୋଗ୍ୟ ଯେ ଜୟଦୁର୍ଗା ଫାଉଣ୍ଡେସନ୍ ଟ୍ରଷ୍ଟ ସେବା କ୍ଷେତ୍ରରେ ଓଡିଶା ନୁହେଁ ସାରା ଦେଶରେ ଏକ ଚର୍ଚ୍ଚିତ ଅନୁଷ୍ଠାନ ରୂପେ ପରିଗଣିତ ହୋଇଥିବା ବେଳେ ପୂର୍ବରୁ ଟ୍ରଷ୍ଟର ଅଧକ୍ଷାଙ୍କୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଥିବା ବେଳେ ରାଜ୍ୟ ବାହାରେ ଅନେକ ଅନୁଷ୍ଠାନ ସମ୍ମାନୀତ କରିଛନ୍ତି ।

# ବାଲକାଟି ଗ୍ରାମରେ ଭୟାଭୟ ଅଗ୍ନିକାଣ୍ଡ, ୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ପାଉଁଶ

ଆନନ୍ଦପୁର:୧୮/୫(ଆ.ପ୍ର.): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ପଂଚାୟତ ବାଲକାଟି ଗ୍ରାମ ତନ୍ତସାହିରେ ୧୭ତାରିଖ ମଙ୍ଗଳବାର ଦିନ ଭୟାଭୟ ଅଗ୍ନିକାଣ୍ଡ ଘଟି ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଥିବା ଦେଖିବାକୁ ମିଳିଛି । ଖବର ଅନୁସାରେ ବାଲକାଟି ଗ୍ରାମର ତନ୍ତସାହିର ସୁମନ୍ତ କୁମାର ଦାଶ ନାମକ ଜଣେ ବ୍ୟବସାୟୀ ନିଜ ଦୋକାନର ଆସବାବପତ୍ର ଗୋଟିଏ ରୁମ୍‌ରେ ରଖୁଥିବା ବେଳେ ମଙ୍ଗଳବାର ଦିନ ଘ୧୦.୧୫ମିନିଟ୍ ସମୟରେ ବିଦ୍ୟୁତ୍ ସର୍ଟସର୍କିଟ୍ ହେବା ଯୋଗୁଁ ରୁମ୍‌ରେ ଥିବା ୧୨ଗୋଟି ଫ୍ରିଜ୍, ୪ ଗୋଟି ୱାସିଂ ମେସିନ୍, ୧୧ଗୋଟି କୁଲର, ୪ଗୋଟି ଗୋଡ୍‌ରେଜ୍ ଆଲମିରା, ବକ୍ସ ପାର୍ଟନ ଖଟ ୪ଟା, ୧୨ଟି ଆଲଣା, ୪ଗୋଟି ଏଲ୍‌ଇଡି ଟିଭି ସହ ବାରଣ୍ଡାରେ ଥିବା ମୁଗ, ବିରି, ଚାଉଳ ସବୁ ପୋଡି ପାଉଁଶ ହୋଇଯାଇଥିଲା । ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବା ବୋଲି ଜଣାଯାଇଛି । ଅଗ୍ନିକାଣ୍ଡ ଖବର ପାଇ ଆନନ୍ଦପୁର ଓ ଘଷିପୁରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିବା ଜଣାପଡିଛି । ସୁମନ୍ତ କୁମାର ଦାଶଙ୍କ ଛେନାପଦୀ ଛକ ଠାରେ ଅନ୍ନପୂର୍ଣ୍ଣା ଭେରାଇଟି ଷ୍ଟୋର ଥିବାବେଳେ ସେ ଏହି ଆସବାବପତ୍ର ଗୁଡିକୁ ବାଲକାଟି ଗ୍ରାମ ତନ୍ତସାହିର ଷ୍ଟୋର ରୁମ୍‌ରେ ରଖୁଥିଲେ । ଏହି ଘଟଣା ନେଇ ଶ୍ରୀ ଦାଶ ଭାଙ୍ଗି ପଡିଥିବା ବେଳେ ସରକାରୀ ସହାୟତା ପାଇଁ ଦାବି ହୋଇଛି ।

# ପତ୍ରପୁର ପଂଚାୟତରେ ସରକାରୀ ରିଲିଫ ବଂଟନରେ ଅନିୟମିତତା ଅଭିଯୋଗ



କେନ୍ଦ୍ରାପଡା, (ପିଏନ)- ଆଜି ବ୍ଲକ ଅନ୍ତର୍ଗତ ପତ୍ରପୁର ଗ୍ରାମପଂଚାୟତର ବନ୍ୟା ଓ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନେ ଆଜି ବିଜେପି ନେତା ତଥା ଆଇନଜୀବି ନେହେରୁ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ହେଉଛି ଯେ ଚଳିତବର୍ଷ ପ୍ରଳୟଙ୍କରୀ ବନ୍ୟା ଓ ପ୍ରବଳ ବର୍ଷା ବିପ୍ରାତ ଯୋଗୁଁ ଦୁର୍ବିସହରେ ପଡି ଯନ୍ତ୍ରଣା ଜନିତ ଜୀବନ ବିତାଉଥିବା ବେଳେ ସରକାରୀ ରିଲିଫ ଓ ଆର୍ଥିକ ସହାୟତରୁ ସେମାନଙ୍କୁ ବଂଚିତ କରାଯାଇଛି । ପତ୍ରପୁର ପଂଚାୟତର ସରପଂଚ, ପଂଚାୟତ ନିର୍ବାହୀ ଅଧିକାରୀ ଓ କି.ଆର.ଏସ.ମିଳିତ ଭାବେ ସେମାନଙ୍କୁ ଅଣଦେଖା କରି ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ କରିଛନ୍ତି । ସେମାନେ ପଂଚାୟତ ଠାରୁ ଆରମ୍ଭକରି ଆଜି ବ୍ଲକର ବିଡିଓଙ୍କୁ ମଧ୍ୟ ଏସମ୍ପର୍କରେ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେବି ସେମାନଙ୍କୁ ରିଲିଫ ପ୍ରଦାନ କରାଯାଇନାହିଁ । ଏଣୁ ଏହି ଅଭିଯୋଗର ତଦନ୍ତ କରାଯାଇ ସେମାନଙ୍କୁ ରିଲିଫ ଯୋଗାଇଦେବାକୁ କ୍ଷତିଗ୍ରସ୍ତମାନଙ୍କ ପକ୍ଷରୁ ସୁନିଲ କୁମାର ରାଉତ, ହରିହର ମହାରଣା, ହିମାଂଶୁ ଶେଖର ପରିଡା,ରତ୍ନାକର ବେହେରା, ସୁରେଶ ରାଉତ, ଭାଗବତ ପରିଡା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି ।

# ମାଲକାନଗିରି ମୁଖ୍ୟ ଡାକଘରେ ପୁଣି ଟ୍ରେନ ଟିକେଟ ବିକ୍ରୀ ଆରମ୍ଭ

ମାଲକାନଗିରି, ୧୮ ମାଲକାନଗି। ଜିଲ୍ଲା ସଦର ମହକୁମା ସ୍ଥିତ ମୁଖ୍ୟ ଡାକଘରରେ ବହୁ ଦିନ ହେଲା ନାନା ସମସ୍ୟା ଲାଗି ରହିଥିଲା । ବାରମ୍ବାର ଲିଙ୍କ୍ ରହୁନଥିବା କାରଣରୁ ସେବା ପ୍ରଭାବିତ ହେଉଥିଲା । ସେହିପରି ଡାକଘର ବାରମ୍ବାର ସ୍ଥାନାନ୍ତର ହେଉଥିବାରୁ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିଲେ । ତେବେ ଗତ ମାସ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଲକାନଗିରି ଗସ୍ତ କରି ଡାକଘର ନୂତନ କୋଠା ଉଦଘାଟନ କରି ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଏଠାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗକୁ ଆଉ ଲୋକେ ଯେମିତି କୌଣସି ସମସ୍ୟାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଡାକଘରେ ପୁଣି ଟ୍ରେନ ଟିକେଟ୍ ବିକ୍ରି କରିବାକୁ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝିଙ୍କୁ ଅନୁରୋଧ କରିଥିଲେ ।

# ପୁଅର ଚାପୁଡା ମାଡରେ ବାପା ମୃତ

ଗୋଳାବନ୍ଧ:୧୮/୫(ଆ.ପ୍ର.):ପୁଅର ଚାପୁଡା ମାଡରେ ଚାଲିଗଲା ବାପାଙ୍କର ଜୀବନ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ରେବଣାପଳାଶପାଳ ପଂଚାୟତ ମହୁଲପଙ୍ଗା ଗ୍ରାମର ଚତୁରିସାହିରେ । ମୃତକ ଜଣକ ହେଲେ ଶଙ୍କର ମାଝୀ (୫୫) । ଏହି ଘଟଣାରେ ଦୈତାରୀ ଥାନା ପୋଲିସ ଅଭିଯୁକ୍ତ ପୁଅ ଲକ୍ଷ୍ମଣ ମାଝୀକୁ ଗିରଫ କରିଛି । ସୂଚନା ଅନୁଯାୟୀ ୧୫ ତାରିଖ ସନ୍ଧ୍ୟାରେ ବାପା ଶଙ୍କର ଓ ପୁଅ ଲକ୍ଷ୍ମଣ ମଧ୍ୟରେ କୌଣସି କାରଣରୁ ଝଗଡା ହୋଇଥିଲା । ଲକ୍ଷ୍ମଣ ରାଗରେ ଶଙ୍କରଙ୍କ କାନମୂଳକୁ ଏକ ଶକ୍ତ ଚାପୁଡା ମାରିଥିଲା । ଫଳରେ ଶଙ୍କର ସେଠାରେ ଟଳି ପଡିଥିଲେ । ଏହି ଦେଖି ଲକ୍ଷ୍ମଣ ସେଠାରୁ ଚାଲି ଯାଇଥିଲା । ଦୁଇତିନି ଘଣ୍ଟା ପରେ ଘରକୁ ଫେରିଲା ବେଳକୁ ଶଙ୍କରଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲା । ଏ ସମ୍ପର୍କରେ ପରିବାର ଲୋକେ ଅପରାହ୍ନରେ ଦୈତାରୀ ପୋଲିସ୍‌କୁ ଖବର ଦେଇଥିଲେ । ଦୈତାରୀ ଥାନା ଅଧିକାରୀ ତୁଳସୀ ମରୀ ଭୂୟାଁ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ । ଏ ସମ୍ପର୍କରେ ଦୈତାରୀ ଥାନାରେ କେସ୍ ନଂ ୪୦/୨୨ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତ ଲକ୍ଷ୍ମଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ତୁଳସୀ ମରୀ ଭୂୟାଁ ପ୍ରକାଶ କରିଛନ୍ତି ।




# ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ



ସମ୍ବାଦ କୌଣସି ଘଟଣା, ଅଘଟଣ, ସୁଯୋଗ, ଦୁର୍ଯୋଗର ଏକ ସତ୍ୟନିଷ୍ଠ ବିବରଣୀ । ସିଏ ଜୀବନକୁ, ଜଗତକୁ, ମଣିଷକୁ, ସମାଜକୁ ରାଷ୍ଟ୍ରକୁ ଭଲପାଏ ଅର୍ଥାତ ମୋହାସକ୍ତ ହୁଏ ନାହିଁ । ସମାଜର ବା ରାଷ୍ଟ୍ର ଦୁଷ୍ଟବ୍ରଣମାନଙ୍କୁ ସାମ୍ବାଦିକତାର ଚାବୁକରେ ଆଘାତ ଦେଇ ପଦାରେ ପକାଇ ଦିଏ । ସେମାନଙ୍କ ଛଦ୍ମମୁଖାକୁ ଖୋଲିଦିଏ । ଅସୂୟାପ୍ରଣୋଦିତ ହୁଏ ନାହିଁ । ଯାହାର ଲକ୍ଷ୍ୟ ହୁଏ ସମାଜ ଓ ରାଷ୍ଟ୍ରର କଲ୍ୟାଣ, ସେହି ହିଁ ହୁଏ ଯଥାର୍ଥ ସାମ୍ବାଦିକ, ତାହାଙ୍କର ସମ୍ବାଦ ପରିବେଷଣ ହୁଏ ଅଗଣିତ ଜନଗଣଙ୍କର ପ୍ରେରଣାର ମାଧ୍ୟମ । ଏପରି ସମ୍ବାଦରୁ ଜନଗଣ କୌଣସି ବ୍ୟକ୍ତିବିଶେଷଙ୍କର ମହତ୍‌ଗୁଣର ଯେପରି ପରିଚୟ ପାଆନ୍ତି ସେପରି ଅନ୍ୟ କୌଣସି ସମାଜବିରୋଧୀ ମାନବ ବିଦ୍ୱେଷୀ ବ୍ୟକ୍ତିଙ୍କର ସ୍ୱରୂପକୁ ଉପଲବ୍ଧ କରନ୍ତି । ସବୁ ଯୁଗରେ ସମ୍ବାଦ ଅଛି -କେତେବେଳେ ମୌଖିକ, କେତେବେଳେ ଲିଖିତ । ପ୍ରାଚୀନ ଯୁଗରେ ସମ୍ବାଦ ଏକ ବୃତି ନଥିଲା, ନଥିଲା ମଧ୍ୟ ଏକ ଜୀବିକା । ବର୍ତ୍ତମାନ ସମୟରେ ସମ୍ବାଦ ସାମ୍ବାଦିକତା ଏକ ବୃତି,ଏକ ଜୀବିକା । ସମ୍ବାଦପତ୍ର ଏହାର ଆଧାର । ସାମ୍ବାଦିକର ଧର୍ମ ସୁସ୍ଥ ସାମାଜିକ ବାତାବରଣ ପ୍ରତିଷ୍ଠା, ନୈତିକ ମୂଲ୍ୟବୋଧର ଜାଗରଣ । ତେଣୁ ସେ ବିବେକବାନ । ସତ୍ୟର ଉପାସ୍ୟ । ମିଥ୍ୟାକୁ ପ୍ରଶ୍ରୟ ଦିଏ ନାହିଁ । ଅଧର୍ମକୁ ବରଦାସ୍ତ କରେ ନାହିଁ । ନୈତିକ ମୂଲ୍ୟବୋଧ ଜାଗରଣର ଅଗ୍ରଦୂତ ସାମ୍ବାଦିକ । ନାରଦ ଏହିପରି ଜଣେ ସାମ୍ବାଦିକ । ନାରାୟଣ ନାରାୟଣ... ଉଦ୍‌ଘୋଷ କରି ଯିଏ ତିନିଲୋକ ଭ୍ରମଣ କରନ୍ତି ସେହି ନାରଦ ଏକ ବ୍ୟକ୍ତି ନୁହଁନ୍ତି,ଏକ ଅନୁଷ୍ଠାନ । ବିଶ୍ୱରେ ସମ୍ବାଦ ତାଙ୍କର କାର୍ଯ୍ୟ । ଲୋକକଲ୍ୟାଣ ତାଙ୍କର ଲକ୍ଷ୍ୟ । ଈଶ୍ୱରଭକ୍ତି ତାଙ୍କର ମାର୍ଗ । ଏଥିପାଇଁ ନାରଦଙ୍କୁ ଯେଉଁଠି ଯେଉଁ ସମୟରେ ଖୋଜିବ ସେଇଠି ମିଳିବେ । ସ୍ୱର୍ଗ, ମର୍ତ୍ତ୍ୟ, ଆକାଶ ପାତାଳ ସବୁଠି ତାଙ୍କର ଅଗାଧ ପ୍ରବେଶ । ନାରଦଙ୍କ ପାଇଁ କୌଣସି ସ୍ଥାନ ଦୁର୍ଗମ ନୁହେଁ କି ଅଗମ୍ୟ ନୁହେଁ । ସେ ଦେବତାଙ୍କ ନିକଟକୁ ଆସନ୍ତି ଦାନବଙ୍କ ନିକଟକୁ ମଧ୍ୟ ଯାଆନ୍ତି । ସମସ୍ତଙ୍କ ଦ୍ୱାର ତାଙ୍କ ପାଇଁ ଉନ୍ମୁକ୍ତ । ସମସ୍ତେ ତାଙ୍କୁ ସ୍ୱାଗତ କରନ୍ତି । ସମସ୍ତେ ତାଙ୍କୁ ପୂଜା କରନ୍ତି । ପରୋପକାର ନାରଦଙ୍କର ବୃତି । ଏହା ତାଙ୍କର ଜୀବନ ଧ୍ୟେୟ ଅଟେ । ବାସ୍ତବରେ ନାରଦ ଆଦର୍ଶ ସମ୍ବାଦର ସୂତ୍ରଧର ଅଟନ୍ତି । ତେଣୁ ତାଙ୍କୁ ଆଦ୍ୟ ସାମ୍ବାଦିକ କହନ୍ତି । ଶାସ୍ତ୍ର ଅନୁସାରେ ଯେତେବେଳେ ଭଗବାନ ଯୋଗନିଦ୍ରାରୁ ଜାଗ୍ରତ ହେଲେ ତାଙ୍କର ନିଃଶ୍ୱାସରୁ ମରୀଚ ଆଦି ଋଷିମାନଙ୍କ ସହିତ ନାରଦ ମଧ୍ୟ ପ୍ରକଟ ହୋଇଥିଲେ । ତାଙ୍କୁ ଦଶକନ୍ୟା ଏବଂ ରାଜା ପରେମେଷ୍ଟିଙ୍କ ପୁତ୍ର କୁହଁନ୍ତି । କେତେକ ପୁରାଣରେ ତାଙ୍କୁ ବ୍ରହ୍ମାଙ୍କର ମାନସପୂତ୍ର ରୂପରେ ବର୍ଣ୍ଣନା କରାଯାଇଛି । ନାରଦଙ୍କ ଜନ୍ମ ବିଷୟରେ ଅନେକ ଲୋକକଥା ପ୍ରଚଳିତ ଅଛି । ସେ ଅଳ୍ପ ସମୟ ମଧ୍ୟରେ ସବୁ ଶାସ୍ତ୍ରର ଅଧ୍ୟୟନ କରିଥିଲେ । ସେ ବୃହସ୍ପତିଙ୍କ ନିକଟରୁ ବେଦ ବେଦାନ୍ତ ଶିକ୍ଷା କରିଥିଲେ । ସନତକୁମାର ତାଙ୍କୁ ବ୍ରହ୍ମ ଜ୍ଞାନ ଶିକ୍ଷାଦେଇଥିଲେ । ବ୍ରହ୍ମଦେବଙ୍କଠାରୁ ବିଷ୍ଣୁ ମନ୍ତ୍ର ଏବଂ ଗନ୍ଧର୍ବଙ୍କ ନିକଟରୁ ସଂଗୀତ ବିଦ୍ୟା ଶିକ୍ଷା କରିଥିଲେ । ସେ ଥିଲେ ସୂଚନା ବିଦ୍ୟାର ଅଧିକାରୀ । ନାରଦଙ୍କର ସରସ୍ୱତୀ ତଟରେ ଏକ ଆଶ୍ରମ ଥିଲା । ସେ ଆଶ୍ରମରେ କମ୍ ରହୁଥିଲେ ବେଶୀ ଭ୍ରମଣ କରୁଥିଲେ । ସେ ନାରଦ ଭକ୍ତିସୂତ୍ର, ନାରଦ ସ୍ମୃତି, ନାରଦ ପଂଚରାତ୍ର, ନାରଦୋପନିଷଦ, ସଙ୍ଗୀତ ମକରନ୍ଦ, ରାଗ ନିରୁପଣ, ପଂଚମ ସାର ସଂହିତା, ଦତନାରଦ ସମ୍ବାଦ ଆଦି ଗ୍ରନ୍ଥ ରଚନା କରିଛନ୍ତି । ଭକ୍ତିରସ ବିଷୟ ଉପରେ ତାଙ୍କର ବହୁତ ଦଖଲ ଥିଲା । ସ୍ୱୟଂ ମହାନ ଭକ୍ତ ଥିଲେ । ଆଜନ୍ମ ଭକ୍ତିରସର ପ୍ରଚାର ପ୍ରସାର କରିଥିଲେ । ତେଣୁକରି ତାଙ୍କର ଭକ୍ତିସୂତ୍ର ଆତ୍ମାନୁଭୂତିରୂପ ଅମୃତ ଅଟେ । ନାରଦ ଭକ୍ତିସୂତ୍ର ଏକ ଅଲୌକିକ ଗ୍ରନ୍ଥ ଅଟେ । ତାଙ୍କର ଭକ୍ତି ବିଷୟ ସର୍ବଶ୍ରେଷ୍ଠ ଗ୍ରନ୍ଥ । ସେଥିରେ ନବଜୀବନ ଦେବାର ସାମର୍ଥ୍ୟ ରହିଛି । ଏଥିରେ ଭକ୍ତଙ୍କର ଲକ୍ଷଣ ଓ ପ୍ରକାରଭେଦ ସମ୍ପର୍କରେ ମଧ୍ୟ ଉଲ୍ଲେଖ ଅଛି । ଏହି କଳ୍ପନା ମଧ୍ୟରେ ନାରଦ ଅଜର ଓ ଅମର । ସେ ସବୁଆଡେ ଭ୍ରମଣକରି ଭକ୍ତିମାର୍ଗର ପ୍ରଚାର ପ୍ରସାର କରିଥିଲେ । ତାଙ୍କ ବୀଣାର ଝଙ୍କାର ତଥା ନାରାୟଣ ନାରାୟଣର ଉଦ୍‌ଘୋଷ ଆଜି ବିଶ୍ୱ ବ୍ରହ୍ମାଣ୍ଡର ଚାରିଆଡେ ଶୁଣିବାକୁ ମିଳୁଛି । ନାରଦ ହେଉଛନ୍ତି ବିଶ୍ୱ ସାମ୍ବାଦିକତା ବା ୟୁନିଭର୍ସାଲ ଜର୍ଣ୍ଣାଲିଜିମ୍‌ର ପୃଷ୍ଠପୋଷକ । ସେ ଥିଲେ ସତ୍ୟନିଷ୍ଠ ଓ ସାରା ବିଶ୍ୱକୁ ସମ୍ଭାଳି ରଖିବାର ଧର୍ମ ଆଧାରିତ ସାମ୍ବାଦିକତାର ପରିଚୟ । ସତ୍ୟର ଭିତିଭୂମି ଉପରେ କୁସଂସ୍କାରକୁ ଦୂର କରି ସମାଜକୁ ସୁପୃଷ୍ଟ କରିବା ପାଇଁ ଏକନିଷ୍ଠ ଉଦ୍ୟମ ସାମ୍ବାଦିକତାର ଧର୍ମ ହେବା ଉଚିତ୍ । ପୂର୍ବକାଳରେ ମହାନ ବ୍ୟକ୍ତିମାନେ ସାମ୍ବାଦିକତା ଜରିଆରେ ସମାଜ ଓ ଜନଗଣରେ ସଚେତନତା ସୃଷ୍ଟିପାଇଁ ଉଦ୍ୟମ କରୁଥିଲେ । ମାତ୍ର ବର୍ତ୍ତମାନ ସାମ୍ବାଦିକତା ଏକ ବୃତି ପାଲଟି ଯାଇଛି । ତେବେ ଏହା ଏଭଳି ବୃତି ହେବା ଦରକାର ଯାଦ୍ୱାରା ସମ୍ବାଦପତ୍ର ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭଳି କାମ କରିପାରିବ । ଜନଗଣର ସ୍ୱର ଏଥିରେ ପ୍ରତିଫଳିତ ହେବାର ଆବଶ୍ୟକତା ରହିଛି । ସତ୍ୟ କହିବାର ଶକ୍ତି ହରାଇ ବସିଲେ ସାମ୍ବାଦିକଙ୍କୁ କେହି ନାରଦଙ୍କ ପରବର୍ତୀ ପୀଢି ବୋଲି କହିପାରିବେ ନାହିଁ । ଆଜିର ସାମ୍ବାଦିକମାନେ କ'ଣ ନାରଦଙ୍କ ସାମ୍ବାଦିକ ଗୁଣକୁ ଉପଲବ୍ଧି କରିପାରିବେ ନାହିଁ ।

**ଗୋଲଖ ଚନ୍ଦ୍ର ଦାସ**, ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

# 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ



କୋଣାର୍କ (ପିଏନ୍): ବିଶ୍ୱ ଐତିହ୍ୟ କୋଣାର୍କକୁ ସଂଯୋଗ କରୁଥିବା କୋଣାର୍କ-ପିପିଲି ମୁଖ୍ୟ ରାସ୍ତାଉପର ଦୁର୍ଘଟଣା ରୋକିବା ପାଇଁ ମାଧିପୁର ଛକ ଓ କଲେଜ ଛକରେ ୪ଟି ବଡ ବଡ ହମ୍ପସ ରାଜପଥ ବିଭାଗ ପକ୍ଷରୁ କରାଯାଇଛି । ଏହି ଜାତୀୟ ରାଜପଥରେ ହମ୍ପସ ଅଛି ବୋଲି କୌଣସି ସୂଚନା ନଥିବାରୁ ପ୍ରତେକ ଦିନ ଦୁର୍ଘଟଣାମାନ ଘଟି ଧନ ଜୀବନ ମଧ୍ୟ ଗଲାଣି । ଏହି ହମ୍ପସ ଦୁର୍ଘଟଣା ରୋକିବା ପରିବର୍ତ୍ତେ ହମ୍ପସ ପାଇଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢିଚାଲୁଛି । ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହି ସମସ୍ୟା ଦୂର କରିବା ପାଇଁ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'କୋଣାର୍କ ପରିବାର' ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି । ମାଧିପୁର ଛକ ଓ କଲେଜ ଛକରେ ଥିବା ୪ଟି ହମ୍ପସରେ ୨୦ଟି ରେଡିୟମ ଲଗାଇଛନ୍ତି 'କୋଣାର୍କ ପରିବାର'ର ସଦସ୍ୟମାନେ । ଫଳରେ ରାତ୍ର ସମୟରେ ଅନେକାଂଶରେ ଦୁର୍ଘଟଣାକୁ ରୋକାଯାଇ ପାରିଛି । ଏହି ମହନୀୟ କାର୍ଯ୍ୟରେ କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ୩ନମ୍ବର ୱାର୍ଡର କାଉନସିଲର ସମୟରଞ୍ଜନ ସାହୁ, ସାମ୍ବାଦିକ ଅବନୀଭୂଷଣ ବାରିକ, ସାମ୍ବାଦିକ ଦୁର୍ଗାପ୍ରସାଦ ମହାପାତ୍ରଙ୍କ ସମେତ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ଉପସଭାପତି ସୁଭାଶିଷ ଦାଶ, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧ୍ୟକ୍ଷ ସତ୍ୟଜିତ ସାହୁ, ପ୍ରତାପ ଜେନା, ବଳରାମ ପାତ୍ର, ସତ୍ୟବ୍ରତ ନାୟକ, ଅଭିଜିତ ଦାସ ସୁଶ୍ରୀ ସମ୍ଭାବନା ପଣ୍ଡା, ଦେବଶକ୍ତି ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ହମ୍ପସରେ ରେଡିଏମ ଲଗାଇଥିଲେ । 'କୋଣାର୍କ ପରିବାର'ର ସ୍ୱେଚ୍ଛାସେବୀ ସଦସ୍ୟମାନେ ନିଜ ପକେଟ ଖର୍ଚ୍ଚରୁ ସଞ୍ଚିତ ଅର୍ଥରେ ଏହି କାର୍ଯ୍ୟ କରିଛନ୍ତି । ସ୍ୱେଚ୍ଛାସେବୀମାନଙ୍କର ଏଭଳି ସେବା ମନୋବୃତିକୁ ଦେଖି ଲୋକେ ଭୂରୀୟସୀ ପ୍ରଶଂସା କରୁଛନ୍ତି ।

# ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ସମାରୋହ



କୋଣାର୍କ (ପିଏନ୍): ଗତ ରବିବାର ସନ୍ଧ୍ୟାରେ କୋଣାର୍କ ନିକଟସ୍ଥ କିଙ୍ଗସ କୋକୋ ଇକୋ ରିସୋଟ ପରିସରରେ କୋଣାର୍କ ଜ୍ଞାନ ମଂଚ ପକ୍ଷରୁ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆରମ୍ଭ ହୋଇଥିଲା ସଭା କାର୍ଯ୍ୟ । ଶୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରଭାତରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ପ୍ରଫେସର ଡ. ହରମୋହନ ମିଶ୍ର, ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗବନ୍ଧୁ ମିଶ୍ର ଓ ଗୋପ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଖଟୋଇ ପ୍ରମୁଖ ମଞ୍ଚାସିନ ହୋଇ ଅଦ୍ୱିତ ବେଦାନ୍ତ, ବ୍ରହ୍ମସୁତ୍ର ଓ ଜଗଦ୍‌ଗୁରୁ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରଫେସର ଡ. ମିନତୀ ମିଶ୍ର ଭଜଗୋବିନ୍ଦମ୍ ଗାନ କରିଥିବା ବେଳେ ଐତିହାସିକ ଗବେଷକ ସଞ୍ଜୟ ବରାଳ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜନୈତିକ ପଶାପାଲିରେ ଲିଙ୍ଗିପୁର ଗ୍ରାମପଂଚାୟତ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତକୁ ଉନ୍ନତ କରିବା ବଦଳରେ ବିଡିଓ ମହାଶୟ କିପରି ଭାବେ ୨୬ଟି ୱାର୍ଡକୁ ଗୋଟିଏ ପିଇଓ ବଦଳୀ କରି ଦାୟିତ୍ୱ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ରୁ ଶିଶୁପାଳ ଗ୍ରାମପଂଚାୟତଠାରୁ ଲିଙ୍ଗିପୁର ଗ୍ରାମପଂଚାୟତ ଅଲଗା ହୋଇଛି । ଏହାର ୧୩ ଗୋଟି ୱାର୍ଡ ରହିଅଛି । ଶିଶୁପାଳଗଡର ବି ୧୩ଟି ୱାର୍ଡ ରହିଅଛି । ଜଣେ ପିଇଓ ୨ଟି ଦୁଇଟି ଦାୟିତ୍ୱରେ ରହିଲେ ଉନ୍ନୟନମୂଳକ କାର୍ଯ୍ୟ ନିଶ୍ଚିତ ଭାବରେ ବାଧାପ୍ରାପ୍ତ ହେବ । ଏହାକୁ ଦିଗହରା କରିବା ପାଇଁ ଷଡଯନ୍ତ୍ର ଓ ବଦଳୀରେ ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । କାହା ସ୍ୱାର୍ଥରେ ଏବଂ କେଉଁ ନିୟମ ବଳରେ ଏଭଳି ପଦକ୍ଷେପ । ପଂଚାୟତ ଗୁଡିକରେ ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ ଯେ ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳୀ ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳୀ କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତ ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି । ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି ? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧା ସୁଯୋଗ ଦେବା ପାଇଁ ଅପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ । ଗ୍ରାମ ପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧେ ବିଡିଓ ମହାଶୟଙ୍କ ଭୃକ୍ଷେପ ନାହିଁ । ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂହଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ । ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା ୧୧୮୧୮/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳୀ ଆଦେଶ କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ(PEO) ପଂଚାୟତ ଏକ୍ସ୍ୟୁଜିକୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି । କି ସଂଯୋଗ କଣ ଉଦ୍ଦେଶ୍ୟ ? କାହା ସ୍ୱାର୍ଥରେ PEOମାନଙ୍କ ବଦଳୀ ଏକାଦିନେ । ଏହି ବଦଳୀ ଆଦେଶ ୦୪.୦୫.୨୨ରେ ସମସ୍ତ PEOଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନିଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳୀ ହୋଇଥିବା ଯାଗାରେ ଯୋଗଦାନ କରିବେ । ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳୀ ତାଲିକାକୁ କେନ୍‌ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି । ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ । ଏହି ଅକ୍ଷମଣୀୟ କାର୍ଯ୍ୟାନୁଷ୍ଠାରେ ଦାୟିତ୍ୱହୀନତା କାରଣରୁ କାହିଁକି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ? ଏ ଦିଗରେ ପଂଚାୟତିରାଜ ବିଭାଗ ସମସ୍ତ ଘଟଣାକୁ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଜନସାଧାରଣଙ୍କର ସ୍ୱାର୍ଥ ଦୃଷ୍ଟିରୁ ଲିଙ୍ଗିପୁର ପଂଚାୟତରେ ଅଲଗା ଭାବେ ପିଇଓ ଅବସ୍ଥାପିତ କରାଯାଉ । ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍‌ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ ।

# ରାଜ୍ୟର ୧୪ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ରାଜ୍ୟ ସରକାରଙ୍କ ଅବହେଳା

ଭୁବନେଶ୍ୱର (ପିଏନ୍)-ଓଡ଼ିଶାର ଗର୍ବ ଓ ଗୌରବ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ତଥା ବରିଷ୍ଠ ଜନନେତା ସ୍ୱର୍ଗତଃ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ୭ମ ଶ୍ରାଦ୍ଧ ଉତ୍ସବ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ କହିଲେ ଯେ ଜାନକୀବାବୁଙ୍କ ୧୪ ବର୍ଷ ଶାସନ କାଳରେ ଓଡ଼ିଶାର ବିକାଶର ଇତିହାସ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଜାନକୀବାବୁଙ୍କ ଶାସନ କାଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରରେ ଯେଉଁ ବିକାଶ ହୋଇଥିଲା ଆଜିର ଯୁବ ପିଢ଼ି ପାଖରେ ସେ ବାର୍ତ୍ତା ପହଂଚାଇବାର ଆବଶ୍ୟକତା ରହିଛି । ଓଡ଼ିଆ ଯୁବକମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ସେ ହୋଟେଲକୁ ଶିଳ୍ପର ମାନ୍ୟତା ଦେଇଥିଲେ । କୃଷିର ବିକାଶ ପାଇଁ ଜଳସେଚନକୁ ଅଗ୍ରାଧିକାର ଦିଆଯାଇଥିଲା । କିନ୍ତୁ ରାଜ୍ୟ ସରକାର ଏଭଳି ଜଣେ ଦୂରଦୃଷ୍ଟିସଂପନ୍ନ ଜନନେତାଙ୍କ ସ୍ମୃତିରକ୍ଷା କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଛନ୍ତି, ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ସ୍ମୃତିଚାରଣ କରି ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ କହିଲେ ଯେ କୃଷକମାନଙ୍କ ପାଇଁ ୧୧ଟି ଚିନିକଳ, ୪୬ଟି ଶୀତଳ ଭଣ୍ଡାର ଓ ୯ଟି ସ୍ପିନିଙ୍ଗ ମିଲ ପ୍ରତିଷ୍ଠା ଜାନକୀବାବୁଙ୍କ ଶାସନ କାଳରେ କରାଯାଇଥିଲା । ତାହା ଏ ସରକାର ସମୟରେ ଇତିହାସ ହୋଇଯାଇଛି । କଂଗ୍ରେସ ସେବାଦଳର ରାଜ୍ୟ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣରେ କହିଲେ କଂଗ୍ରେସ ଭବନ ସମ୍ମୁଖରେ ସ୍ୱର୍ଗତଃ ଜାନକୀବାବୁଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆମେ ଦୀର୍ଘ ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବୀ କରି ଆସୁଛୁ କିନ୍ତୁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଲା ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ଶେଷରେ ସାଧାରଣ ସଂପାଦକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀ, ମନୋରଂଜନ ଦାଶ, ମୁଖପାତ୍ର ରଜନୀ ମହାନ୍ତି, କଂଗ୍ରେସ ନେତା ପ୍ରକାଶ ମିଶ୍ର, ସତ୍ୟସ୍ମିତ ମହାନ୍ତି, ଆଲୋକ ମହାନ୍ତି, ମିହିର ଆଚାର୍ଯ୍ୟ, ସୁଭାଷ ପ୍ରଧାନ, ଭାସ୍କର ସେଠୀ, ମନୋରଂଜନ କୁଣ୍ଡୁ, କୁଳମଣି ସାହୁ, ମହମ୍ମଦ ସହାଦୁଲ୍ଲା, ସତ୍ୟବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଶ୍ରୀରାମ ସେବା ସଂଗଠନର ଜଳଛତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)- ବାଲେଶ୍ୱରରେ ଶ୍ରୀରାମ ସେବା ସଂଗଠନର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଅବସରରେ ତିନିଦିନ ଧରି ରନ୍ଧା ଖାଦ୍ୟ ବଣ୍ଟନ ସହିତ ବାଲେଶ୍ୱର ରେଲୱେ ଷ୍ଟେସନ ସାମ୍ନାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ବାଲେଶ୍ୱରର ସିନେମା ଛକ, ବସ ଷ୍ଟାଣ୍ଡ, ମେଡିକାଲ, ଆଇଟିଆଇ ଛକ ଓ ସାଇ ମନ୍ଦିର ପ୍ରଭୃତି ସ୍ଥାନମାନଙ୍କରେ ଗରିବ ଅସହାୟ ଲୋକମାନଙ୍କୁ ଶ୍ରୀରାମ ସେବା ସଂଗଠନର ସଦସ୍ୟ ମାନେ ଏକ ଗାଡ଼ି ସାହାଯ୍ୟରେ ବୁଲି ବୁଲି ରନ୍ଧାଖାଦ୍ୟ ବଣ୍ଟନ କରିଥିଲେ । ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରେଲୱେ ଷ୍ଟେସନଠାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିଛି । ଏହି କାର୍ଯ୍ୟକ୍ରମକୁ ସଭାପତି କୃତିବାସ ମହାନ୍ତି, ସହସଂପାଦକ ଚିତ୍ତରଞ୍ଜନ ମହାନ୍ତି, ସନ୍ତୋଶ କୁମାର ଜେନା ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ଶୁଭକାନ୍ତ ଶ୍ରୀକାନ୍ତ ନନ୍ଦ ଚନ୍ଦନେଶ୍ୱର ଚତଧାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ସଂଗଠନର ଏହିଭଳି କାର୍ଯ୍ୟକ୍ରମକୁ ବାଲେଶ୍ୱର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହିତ ସଂଗଠନର ଉତ୍ତରୋତର ଉନ୍ନତି କାମନା କରିଥିଲେ ।

## ଗୋରୁ ବୋଝେଇ କଂଟେନର ଜବତ

ଖୋର୍ଦ୍ଧା (ପିଏନ)-ବେଗୁନିଆ ଥାନା ଅନ୍ତର୍ଗତ ବାଘମାରୀ-କଂଟିଲୋ ୪୮ ନମ୍ବର ଜାତୀୟ ରାଜପଥରେ ବିଳମ୍ବିତ ରାତିରେ ଏକ ଗୋରୁବୋଝେଇ କଂଟେନର ବଡବେରଣା ଗ୍ରାମ ନିକଟରୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂଚନା ମୁତାବକ କୁଶପଲ୍ଲୀ ଗ୍ରାମରୁ ଏକ ଓଆର ୦୨ ବିଟି ୦୨୧୬ ନମ୍ବର ବିଶିଷ୍ଟ କଂଟେନରରେ ୩୫ଟି ଗୋରୁ ବୋଝେଇ କରି ୪୮ ନମ୍ବର ଜାତୀୟ ରାଜପଥରେ କଂଟିଲୋ ଅଭିମୁଖେ ଯାଉଥିବା ସମୟରେ ପୋଲିସ ଗାଡିକୁ ଜବତ କରିବା ସହ ଗାଡିର ଚାଳକ ମହମ୍ମଦ ସିରାଜଉଦ୍ଦିନ (୫୨), ଆବଦୁଲ ସାମସୁଦ୍ଦିନ ଖାଁ (୪୧) ଓ ଅତାରୁ ଖାଁ (୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି ।

# ପ୍ରାକ୍ତନ ଛାତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ କେନ୍ଦ୍ରାପଡା କଲେଜରେ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୧୯୮୦ - ୮୨ ବ୍ୟାଚର ଛାତ୍ର ତଥା ବର୍ତ୍ତମାନର କେନ୍ଦ୍ରାଞ୍ଚଳ ରାଜସ୍ୱ ଡିଭିଜନର କମିଶନର ଡଃ. ସୁରେଶ ଚନ୍ଦ୍ର ଦଳାଇଙ୍କୁ କଲେଜର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପୁରାତନ ଛାତ୍ର ଓ ପରିଚାଳନା ପରିଷଦ ପକ୍ଷରୁ ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ତଥା ତାଙ୍କର ଶିକ୍ଷକ ଦୁର୍ଯୋଧନ ପରିଡା ତାଙ୍କ ପରିଚିତି ସମ୍ପର୍କରେ ଅବଗତ କରାଇବା ସହ କଲେଜର ସମସ୍ୟା ପ୍ରତି ନିଜ କାର୍ଯ୍ୟ ଜରିଆରେ ସେ ସମ୍ପୃକ୍ତି ପ୍ରକାଶ କରିଥିବା ପ୍ରତିବଦ୍ଧତାର ମଧ୍ୟ ସୂଚନା ଦେଇଥିଲେ । ପୁରାତନ ଛାତ୍ର ସଂସଦର ସଭାପତି ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା ଆଶୀର୍ବଚନ ସହ କଲେଜକୁ ବିଶ୍ୱ ବିଦ୍ୟାଳୟ କରିବା ନିମିତ୍ତ ଆବଶ୍ୟକ ଭିତିଭୂମୀ ଯୋଗାଡ ପାଇଁ ତାଙ୍କ ସହଯୋଗ କାମନା କରିଥିଲେ । କଲେଜ ପରିଚାଳନା ପରିଷଦର ଅଧ୍ୟକ୍ଷ ଡା. ବାସୁଦେବ ପାତ୍ର କଲେଜ ଜମି ସମସ୍ୟାର ସମାଧାନ ପ୍ରସଙ୍ଗ ଅବଗତ କରାଇଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ଡଃ. ସେକ ସମସୁର, ପରିଚାଳନା ପରିଷଦ ସଭ୍ୟ ଅଧ୍ୟାପକ ଅଜୟ ସାମଲ ଓ ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ତାଙ୍କୁ ଫୁଲତୋଡା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ନିଜ ମାତୃ ଶିକ୍ଷାକେନ୍ଦ୍ରର ବିକାଶ ପାଇଁ ନିଜ ସାମର୍ଥ୍ୟ ମତେ ସମସ୍ତ ସହାୟତା ଯୋଗାଇଦେବାକୁ ସେ ସଭାରେ ପ୍ରକାଶ କରିଥିଲେ । ଏହି ଅବସରରେ ସେ ମଧ୍ୟ କଲେଜର ଜମିଜମା ଦାୟିତ୍ୱ ବୁଝୁଥିବା ପ୍ରାକ୍ତନ ଅଧ୍ୟାପକ ବାସୁଦେବ ଦାସଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ । ଏହି ସଭାରେ ପଟ୍ଟାମୁଣ୍ଡାଇ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଦେବବ୍ରତ ପ୍ରଧାନ, ଛତିଆ ମହାପୁରୁଷ ହାଡିଦାସ କଲେଜର ଇଂରାଜୀ ବିଭାଗ ମୁଖ୍ୟ ଡଃ. ବିଶ୍ୱନାଥ ଦାସ, ଅବସରପ୍ରାପ୍ତ ଅଧ୍ୟାପକ ଡଃ. ପ୍ରମୋଦ ଦାସ ଅଧ୍ୟାପକ ଡଃ. ସଞ୍ଜିବ ମହାନ୍ତି, ମେଜର ମନୋରଞ୍ଜନ ମହାନ୍ତି, ରାମଚନ୍ଦ୍ର ପାତ୍ର, ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ ଦାସ, ଅଧ୍ୟାପିକା ଡଃ. ରତ୍ନମଞ୍ଜରୀ ଦାଶ, ଡଃ. ପୌର୍ଣ୍ଣମାସୀ ପଣ୍ଡା, କ୍ୟାପ୍ଟେନ ସୀମା ମହାନ୍ତି, ମୁଖ୍ୟ ଅଫିସ ସହାୟକ ରଞ୍ଜନ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡଃ. ପ୍ରଭାକର ମଲ୍ଲିକ ଓ ସୁବ୍ରତ ପାତ୍ର ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା । (ପିଏନ୍)-ଅଠରଗଡ଼ ରଜକ ସଂଘର ବାର୍ଷିକ ଉତ୍ସବ ଖୋରଧା ମା'ବରୁଣେଇଙ୍କ ପୀଠରେ ସଂଘର ସଭାପତି ଭାଗିରଥୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କୋଷାଧ୍ୟକ୍ଷ ଅଜୟ କୁମାର ସେଠୀ ସ୍ୱାଗତ ଜଣାଇବା ପରେ ସାଧାରଣ ସମ୍ପାଦକ ଜୟଦେବ ସେଠୀ ବାର୍ଷିକ ବିବରଣୀ ପାଠ କରି ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାୟ ୪ଟି ବିଧାନସଭା କ୍ଷେତ୍ର ମଧ୍ୟରେ ଥିବା ସଂଘର ୩୪ଟି ଗଡ଼ ବେହେରାମାନଙ୍କୁ ଏବଂ ଗତ ପଂଚାୟତ ଓ ପୌର ନିର୍ବାଚନରେ ବିଜୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସଂଘର ସର୍ବୋଚ୍ଚ ସେବା ସମ୍ମାନ ଅଠରଗଡ଼ ଗୌରବ ୨୦୨୨ ଲକ୍ଷ୍ମଣ ସେଠୀଙ୍କୁ ଓ ମରୋଣତୋରଭାବେ ପରମାନନ୍ଦ ସେଠୀଙ୍କୁ ମାନପତ୍ର ଓ ଉତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଉତ୍କଳ ରଜକ ମହାସଂଘ ଓଡ଼ିଶାର ପଦାଧିକାରୀ ଓ ଅନ୍ୟମାନଙ୍କ ମଧ୍ୟରେ ମନୋଜ ସେଠୀ, ରବିନ୍ଦ୍ର କୁମାର ସେଠୀ, ଗୋବିନ୍ଦ ଚନ୍ଦ୍ର ସେଠୀ ମଂଚାସୀନ ଥିଲେ । ଆଇନ ପରାମର୍ଶ ଦାତା ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।






# ଇଣ୍ଟର କମ୍ପାନୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



ଭୁବନେଶ୍ୱର,୧୮।୫(ପି.ଏନ): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓାର୍ଡର ସପ୍ତମ ବାଟାଲିୟନ ପରିସରରେ ହାବିଲଦାର ସିପାହୀ ଆସୋସିଏସନ୍ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଇଣ୍ଟର ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ ଉଦଘାଟନ କରିବା ସହିତ କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ କ୍ରୀଡାକୁ ପ୍ରାଧାନ୍ୟ ଦେଇଆସୁଛନ୍ତି। ଯେଉଁଥିପାଇଁ ଭୁବନେଶ୍ୱର କ୍ରୀଡାର ହବ୍ ହୋଇପାରିଛି। ସେ ସଦାସର୍ବଦା କୁହନ୍ତି ସ୍ପୋର୍ଟ୍ସ ଫର୍ ୟୁଥ୍, ୟୁଥ୍ ଫର୍ ଦ ନେସନ୍। କ୍ରୀଡା ଦ୍ୱାରା ଶାରୀରିକ ସନ୍ତୁଳନ ରହିବା ସହିତ ମାନସିକ ଶାନ୍ତି ମିଳିଥାଏ। ହାବିଲଦାର ସିପାହୀ ସଂଘର ସଭାପତି ବିନୋଦ କୁମାର ବଳ(ନିଲୁ)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ,ଇତିଶ୍ରୀ ଦାସ,ସପ୍ତମ ବାଟାଲିୟନ ମୁଖ୍ୟ ବିଜୟ ସାହୁ,ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶନ୍ନ କୁମାର ସାହୁ,ବିଧାୟକଙ୍କ ପ୍ରତିନିଧି ସମରେନ୍ଦ୍ର ସାହୁ, ଯୁବନେତା ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଚାରିଦିନ ଧରି ଚାଲିବ। ଏଥିରେ ସପ୍ତମ ବାଟାଲିୟନ ଠାରୁ ଆରମ୍ଭ କରି ହେଡ କ୍ୱାଟର ପର୍ଯ୍ୟନ୍ତ ୮ଟି କମ୍ପାନୀ ଭାଗ ନେଇଛନ୍ତି। ୨୧ ତାରିଖ ଦିନ ଏହାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ।

## ଜୋନ - ୧୩ ଧର୍ମଶାଳା ରଜ କୁଇନ ୨୦୨୨ ପଞ୍ଚମ ପର୍ଯ୍ୟାୟ ଚୟନ

ଧର୍ମଶାଳା ୧୮/୦୫ (ପି.ଏନ) ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ଧର୍ମଶାଳା ଗାର୍ଲସ ୱିଙ୍ଗ୍ ତତ୍ତ୍ୱାବଧାନରେ ରଜ କୁଇନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ପ୍ରତିଯୋଗୀତାରେ ୩୪୮ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ପଞ୍ଚମ ପର୍ଯ୍ୟାୟରେ ୧୩ ଜଣଙ୍କୁ ମନୋନୀତ କରାଯାଇଛି । ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାପତି କ୍ଷିରାବ୍ଧୀ ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ରଜ କୁଇନର ପଞ୍ଚମ ଜୋନ୍ ସ୍ତରୀୟ ପ୍ରତିଯୋଗିତା ହରିଦାସପୁର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୩ନଂ ଜୋନ୍‌ର ୧୦ଗୋଟି ପଞ୍ଚାୟତରୁ ୩୪୮ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଜୋନ୍ ସ୍ତରକୁ ୧୩ ଜଣ ଉନ୍ନୀତ ହୋଇଛନ୍ତି। ପ୍ରତିଯୋଗିତାରେ ବବୁଲୁ ଖାଁ, କସ୍ତୁରୀ ନାୟକ ଏବଂ ଗିରିଧାରି ବେହେରା ଜୁରୀ ଭାବେ ବିଚାର କରିଥିଲେ। ଏଥିରେ ନୃତ୍ୟ, ସଙ୍ଗୀତ, ରାମ୍‌ପୋ, ବକ୍ତୃତା ଓ ଏକକ ଅଭିନୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ସ୍ମାର୍ଟ ବିଦ୍ୟାଳୟ କାର୍ଯ୍ୟର ନିମ୍ନମାନକୁ ନେଇ ଲିଖିତ ଅଭିଯୋଗ

ଖୋର୍ଦ୍ଧା,୧୮/୫(ପିଏନ): ରାଜ୍ୟ ସରକାର ବିଭିନ୍ନ ପର୍ଯ୍ୟାୟରେ ବିଦ୍ୟାଳୟ ଗୁଡିକୁ ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ଓ ଶୈକ୍ଷିକ ବିକାଶ ପାଇଁ ୫ଟି ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତୀକରଣ ଯୋଜନା ମାନ ପ୍ରଣୟନ କରିଛନ୍ତି । ପରିତାପର ବିଷୟ ରୂପାନ୍ତୀକରଣ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟର ମାନ ଦେଖିବାକୁ ଗଲେ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ଠିକାଦାର ମନମୁଖି କାର୍ଯ୍ୟକଳାପ ଯୋଗୁଁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି । ଯାହାକି ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟଟି ରୂପାନ୍ତୀକରଣ ଯୋଜନାରେ ସାମିଲ ହୋଇଥିଲେ ମଧ୍ୟ ପରିଚାଳନା କମିଟି ଓ ପୁରାତନ ଛାତ୍ର କମିଟି ନ ଜଣାଇ ନିମ୍ନ ମାନର ରଙ୍ଗ ବ୍ୟବହାର କରାଯାଇଉଛି ।ଯାହାଦ୍ୱାରା ଠିକାଦାର ମନମୁଖି କାର୍ଯ୍ୟ କରି ବେଶ ଦୁଇ ପଇସା ପାଇ ଲାଭାବାନ ହେଉଛି । ଏପରିକି ମଧ୍ୟ ବିଦ୍ୟାଳୟର ପାଇଖାନା ଓ ମେଜିଆ ନିର୍ମାଣରେ ସଠିକ ଢଙ୍ଗରେ କରା ନ ଯାଇଥିବାର ଦେଖିବାକୁ ମିଳିଛି ।ଏ ନେଇ ଶିକ୍ଷା ସଚିବ,ଜିଲ୍ଲାପାଳ,ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧା ଭିଜିଲାନସ ବିଭାଗ,ସ୍ଥାନୀୟ ବିଡିଓ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦ୍ୟାଧର ମହାରଣା,ପୂର୍ଣ୍ଣଚନ୍ଦ୍ର ବେହେରା ଓ ପ୍ରଭାତ କୁମାର ପଣ୍ଡାଙ୍କ ସମେତ ବହୁବ୍ୟକ୍ତି ଲିଖିତ ଅଭିଯୋଗ କରିଛନ୍ତି ।

## ଜିଆରଏସ୍‌ଙ୍କୁ ୭ ଏବଂ ପିଇଓଙ୍କୁ ୨ ମାସ ହେଲା ମିଳିନି ଦରମା

ଆନନ୍ଦପୁର:୧୮/୫(ଆ.ପ୍ର.): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକର ୨୫ଟି ପଂଚାୟତର ଦାୟିତ୍ୱ ୧୦ଜଣ ପିଇଓଙ୍କ ହାତରେ ରହିଛି। ଜଣେ ଜଣେ ପିଇଓ ୩ଟି ଲେଖାଏଁ ପଂଚାୟତର ଦୟିତ୍ୱ ବୁଝୁଛନ୍ତି। ଏଭଳି ପରିସ୍ଥିତିରେ ବ୍ଲକର ପିଇଓ ମାନଙ୍କୁ ଦୁଇମାସ ଏବଂ ୨୩ଜଣ ଜିଆରଏସ୍‌ଙ୍କୁ ୭ ମାସ ହେଲା ଦରମା ମିଳିନଥିବା ଅଭିଯୋଗ ହୋଇଛି । କର୍ମଚାରୀମାନେ ଆର୍ଥିକ ଅନଟନରେ ଦିନ କାଟୁଥିବାରୁ ସେମାନଙ୍କ କାମ ପ୍ରତି ଆଗ୍ରହ ରହୁନଥିବା ଦେଖିବାକୁ ମିଳିଛି । ଘଷିପୁରା ବ୍ଲକର ୨୫ଟି ପଂଚାୟତରେ ୧୦ଜଣ ପିଇଓ ରହିଛନ୍ତି । ୭ଜଣ ପିଇଓଙ୍କ ହାତରେ ୨୧ଟି ପଂଚାୟତ ଦାୟିତ୍ୱ ରହିଛି ଅନ୍ୟ ୩ ଜଣ ପିଇଓଙ୍କ ହାତରେ ୪ଟି ପଂଚାୟତର ଦାୟିତ୍ୱ ରହିଛି । ଦୀର୍ଘଦିନ ହେଲା ନୂତନ ପିଇଓ ନିଯୁକ୍ତି ଦିଆଯାଉ ନଥିବାରୁ ବ୍ଲକରେ ଆବାସ ଓ ମନରେଗା ଯୋଜନା ପଛେଇ ଯାଇଛି । ଏକାଧିକ ପଂଚାୟତର ଦାୟିତ୍ୱରେ ରହିଥିବାରୁ ଅନେକ ସମୟରେ ବିଭିନ୍ନ ଯୋଜନାର ହିତାଧିକାରୀମାନେ ପିଇଓଙ୍କ ଦେଖାଦର୍ଶନ ପାଉନାହାଁନ୍ତି । ଘଷିପୁରା ବ୍ଲକର ସର୍ବାଧିକ ଶ୍ରମିକ ରାଜ୍ୟ ବାହାରେ କାମଧନ୍ଦା କରୁଥିବା ବେଳେ ବିଭିନ୍ନ ପଂଚାୟତରେ ଜେସିବି ମେସିନ୍ ଦ୍ୱାରା ମନରେଗା କାମ କରାଯାଉଛି। ଫଳରେ ଏହି ଯୋଜନାରୁ ଶ୍ରମିକମାନେ ସୁଫଳ ପାରିପାରୁ ନାହାଁନ୍ତି । ଟାର୍ଗେଟ୍ ହେଉନଥିବାରୁ ପିଇଓ ମାନଙ୍କର ଦରମା ଏପ୍ରିଲ ମାସରୁ ବନ୍ଦ କରାଯାଇଥିବା ଜଣେ ପିଇଓ କହିଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଆମେ ଘରଦ୍ୱାର ଛାଡି ଏଠାରେ ଚାକିରୀ କରିଛୁ ଦରମା ନମିଳିଲେ କାମ କରିବାକୁ କିଭଳି ଆଗ୍ରହ ଆସିବ ବୋଲି ଜଣେ ପିଇଓ ନିଜ ନାମ ଗୋପନ ରଖି କହିଛନ୍ତି। ସେହିପରି ବ୍ଲକରେ ୨୩ଜଣ ଜିଆରଏସ୍ କାର୍ଯ୍ୟରତ ଅଛନ୍ତି । ସେମାନଙ୍କୁ ନଭେମ୍ବର ମାସରୁ ଦରମା ଦରମା ମିଳିନଥିବା ଅଭିଯୋଗ ହୋଇଛି ।ଧାରକରଜ କରି ଚଳୁଛି ବୋଲି ଜଣେ ଜିଆରଏସ୍ କହିଛନ୍ତି । ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ବ୍ଲକରେ ଜିଆରଏସ୍‌ଙ୍କ ଇପିଏଫ୍ ଅଦ୍ୟାବଧି ଲାଗୁ କରାଯାଇ ନଥିବା ମଧ୍ୟ ଅଭିଯୋଗ ହୋଇଛି । ଏ ନେଇ ବିଡିଓ ଅସିତ ମହାନ୍ତିଙ୍କୁ ପଚାରିବାରୁ ସରକାରୀ କଥାରେ ମୁଣ୍ଡ କାହିଁକି ଖେଳାଉଛନ୍ତି ବୋଲି ପାଲଟା ପ୍ରଶ୍ନ କରିଛନ୍ତି ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଠ୍ୟପୁସ୍ତକ ବଂଟନ

ଖୋର୍ଦ୍ଧା,୧୮/୫(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ଭୁଇଁପୁର ଆଦିବାସୀ ସାହିର ଗରିବ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ବିନା ମୂଲ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ପକ୍ଷରୁ ବଂଟନ କରାଯାଇଥିଲା । ଏଥିରେ ଅନୁଷ୍ଠାନର ସମ୍ପାଦିକା ପ୍ରତିମା ପ୍ରଧାନ,ସଭ୍ୟ ଜଗଦୀଶ ପାତ୍ର, ସୁବ୍ରତକୁମାର ନାୟକ, ସୋମନାଥ ସାହୁ,ଶିବ କୁମାର ମୁନି,ବିମ୍ବାଧର ମହାରଣା,ବିଜୟ କୁମାର ନାୟକ,ମଲ୍ଲୀ ରାଉତ, କାର୍ତିକେଶ୍ୱର ସାହୁ,ସଦାଶିବ ମହାରଣା,ବୁବୁ ମହାରଣା ଓ ମାନଓ କୁମାର ଦାସ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ଅରେଇକଣା ଗାଁ ପୋଖରୀ ମାଟି ପଡୁଛି ଖେଳ ପଡ଼ିଆରେ

ଧର୍ମଶାଳା,୧୮।୫(ପିଏନ୍): ଧର୍ମଶାଳା ବ୍ଲକ ଅରେଇକଣା ଗାଁ ପୋଖରୀର ପୁନରୁଦ୍ଧାର କରାଯାଉଛି । ପ୍ରକଳ୍ପ ସଂପର୍କରେ ଏଠାରେ ସୂଚନା ଫଳକ ଲଗା ଯାଇନଥିବା ବେଳେ କୌଣସି ବିଭାଗୀୟ ଅଧିକାରୀଙ୍କୁ ଦେଖିବାକୁ ମିଳୁନାହିଁ । ତେବେ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପୋଖରୀ ନିର୍ମାଣ ହେଉଥିବା ଜଣାପଡିଛି । ନିୟମାନୁସାରେ ମନରେଗା କାମ ଶ୍ରମିକମାନେ କରିବା କଥା । ହେଲେ ଏଠାରେ ଶ୍ରମିକଙ୍କ ବଦଳରେ ଏକ ଟାଟା ହିଟାଚି ମେସିନ୍ ମାଟି ଓ ପଙ୍କ ଖୋଳୁଥିବା ଦେଖିବାକୁ ମିଳିଛି । ସେହିପରି ପୋଖରୀ ମାଟି ଓ ପଙ୍କକୁ ବନ୍ଧ ଉପରେ ପକାଇବା ବଦଳରେ ଏହାକୁ କେତେକ ଟ୍ରାକ୍ଟରରେ ବୋହି ନିଆଯାଇ ନିକଟସ୍ଥ ଖେଳ ପଡ଼ିଆରେ ପକାଯାଉଛି । ୫ଲକ୍ଷ ଟଙ୍କା ମନରେଗା ଅନୁଦାନ ଅର୍ଥରେ ପୋଖରୀ ପୁନରୁଦ୍ଧାର କରାଯାଉଥିବା ବେଳେ ଏହାର ମାଟିକୁ ନିକଟସ୍ଥ ଖେଳ ପଡ଼ିଆରେ ପକାଯାଉଥିବା ଦେଖିବାକୁ ମିଳିଛି । ମନରେଗାରେ ପୋଖରୀ ବିଲ୍ କରିବା ସହିତ ଗୋଟିଏ ଖର୍ଚ୍ଚରେ ଖେଳ ପଡ଼ିଆ ନିର୍ମାଣ କରି ଆଉ ଏକ ପ୍ରକଳ୍ପର ବିଲ୍ ଉଠାଇ ନେବାକୁ ଯୋଜନା ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏପଟେ ମାଟି ଅନ୍ୟତ୍ର ଚାଲାଣ ହେଉଥିବାରୁ ନିର୍ମାଣାଧୀନ ପୋଖରୀର ଗଭୀରତା କମିଯିବା ସହିତ ବନ୍ଧ ଦୁର୍ବଳ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ସେହିପରି ପଙ୍କୁଆ ମାଟିରେ ଖେଳ ପଡ଼ିଆ ହେଲେ ଏହା ଖେଳିବା ଉପଯୋଗୀ ହେବ କି ନାହିଁ, ତାହା ମଧ୍ୟ ଆଲୋଚନାର ବିଷୟ ପାଲଟିଛି । ଅନ୍ୟପକ୍ଷରେ ମାଟି ଖନନ ଓ ଚାଲାଣ ହେବା ନେଇ ତହସିଲ କର୍ତୃପକ୍ଷଙ୍କ ଠାରୁ ମଧ୍ୟ ଅନୁମତି ନିଆଯାଇନଥିବା ଜଣାପଡ଼ିଛି । ଏଠାରେ ସରକାରଙ୍କର ରାଜସ୍ୱହାନୀ ହେଉଥିବା ବେଳେ ଗୋଟିଏ ଖର୍ଚ୍ଚରେ ଦୁଇଟି ପ୍ରକଳ୍ପ ଅର୍ଥ ହାତେଇ ନେବାକୁ ଯୋଜନା ହୋଇଥିବା କୁହାଯାଉଛି । ଏଥିସହ ଏଠାରେ ମାଟି ବୋହୁଥିବା ଏକ ହାଇଡ୍ରୋଲିକ୍ ଟ୍ରାକ୍ଟରର ଡାଲା ଗତକାଲି ଖରାପ ହୋଇଯାଇଥିଲା । ଏହାର ମରାମତି କରୁଥିବା ସମୟରେ ଡାଲା ତଳେ ଚାପି ହୋଇ ଟ୍ରାକ୍ଟର ମାଲିକ ଅରେଇକଣା ଗ୍ରାମର ସୁବ୍ରତ ରାୟଙ୍କ ମୃତ୍ୟୁ ଘଟିଛି । ତେବେ ଉକ୍ତ ଟ୍ରାକ୍ଟରର ଇନ୍‌ସୁରାନ୍ସ ନଥିବାରୁ କ୍ଷତିପୂରଣ ଦେବାକୁ ଏକ ହାଇୱା ସୁବ୍ରତଙ୍କ ଉପରେ ଓଲଟି ପଡ଼ିବାରୁ ତାଙ୍କର ମୃତ୍ୟୁ ହେଲା ବୋଲି ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରାଯାଉଛି । ଏହି ଠକେଇ ଘଟଣାର ତଦନ୍ତ କରାଯିବା ସହିତ ଅଭିନବ ଉପାୟରେ ଦୁର୍ନୀତି କରି ବିପୁଳ ସରକାରୀ ଅର୍ଥ ହଡ଼ପ କରିନେବାକୁ ଯୋଜନା ଚଳାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଓଡିଶା ଭାଷା ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ 'ଓଡିଆ ଭାଷା ସଂପାନ' ଅନୁଷ୍ଠିତ



ଭୁବନେଶ୍ୱର,୧୮।୫(ପି.ଏନ): ଆଜି ଓଡିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଓଡିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର ଓ କମଳା ନେହେରୁ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଓଡିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କର ସଭାପତିତ୍ୱରେ ଏକ ସ୍ୱତନ୍ତ୍ର 'ଓଡିଆ ଭାଷା ସଂପାନ' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ସଭାପତି ଶ୍ରୀଯୁକ୍ତ ଦାସ କହିଥିଲେ ଯେ, ଓଡିଆ ଆମର ମାତୃଭାଷା । ଆମର ମାତୃଭାଷାର ସୁରକ୍ଷା ଏବଂ ବିକାଶ କ୍ଷେତ୍ରରେ ଯୁବପିଢୀମାନଙ୍କର ଗୁରୁଦାୟିତ୍ୱ ରହିଛି । ତେଣୁ ତାଙ୍କ ମନରେ ଭାଷାପ୍ରୀତି ସୃଷ୍ଟି କରିବା ଆମର ପ୍ରାଥମିକ ଦାୟିତ୍ୱ । ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରଥ ଉଦ୍‌ଘାଟନ କରିବା ସହ ତାଙ୍କ ଉଦ୍‌ଘାଟନୀ ଭାଷଣରେ କହିଥିଲେ ଯେ ଭାଷା ପ୍ରତିଷ୍ଠାନ ତରଫରୁ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ବେଶ୍ ଉତ୍ସାହଜନକ । ଆମ ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ କରିବା ଅତ୍ୟନ୍ତ ଗୌରବର ବିଷୟ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଓ ଡଃ. ଫଣୀନ୍ଦ୍ର ଭୂଷଣ ନନ୍ଦ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ପଣ୍ଡା ଶାସ୍ତ୍ରୀୟ ଭାଷାର ଉତ୍ସ ସମ୍ପର୍କରେ ଏକ ଗବେଷଣାତ୍ମକ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଆଲୋଚକ ଭାବେ ପ୍ରଫେସର ବାଉରୀ ବନ୍ଧୁ ସାହୁ ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ଭାଷା ଓ ଭାବ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେ କବି ସମ୍ରାଟ ଉପେନ୍ଦ୍ର ଭଂଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତ ସିଂହାର, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତ ଚରଣ ଦାସ ପ୍ରମୁଖ କବିମାନଙ୍କର ପଙ୍‌କ୍ତି ଉଦ୍ଧାର କରି ତାଙ୍କର ବକ୍ତବ୍ୟ ରଖିଥିଲେ । ବରେଣ୍ୟ ଆଲୋଚକ ପ୍ରଫେସର ଡଃ ରମେଶ ଚନ୍ଦ୍ର ବେହେରା ଯୋଗାଯୋଗର ଭାଷା ଓଡିଆ ଶୀର୍ଷକ ଉପରେ ଏକ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ପ୍ରଫେସର ମହାପାତ୍ର ଓଡିଆ ଭାଷାର ଐତିହ୍ୟ ଉପରେ ଆଲୋକପାତ କରିଥିବା ବେଳେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ଡକ୍ଟର ନନ୍ଦ ଏକ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟା ଡଃ ସନ୍ତୋଷିନୀ ମହାନ୍ତି ସୁଚାରୁରୂପେ ପରିଚାଳନା କରିଥିଲେ । ଡକ୍ଟର ଶାଶ୍ୱତୀ ସୌମ୍ୟା ସାହୁ ଏବଂ ଡକ୍ଟର ଗୀତାଂଜଳୀ ପଲେଇ ପ୍ରମୁଖ ମଂଚ ପରିଚାଳନା କରିଥିବା ବେଳେ ଶ୍ରୀମତୀ ଶୋଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀ, ଅଧ୍ୟାୟୀ, ଗବେଷକ, ଗବେଷିକା, ଅଧ୍ୟାପକ, ଅଧ୍ୟାପିକାମାନେ ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray